ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

ପାଠ୍ୟକ୍ରମ -୩

# ବ୍ଲକ -୩ ଭାଷା ବିଜ୍ଞାନ

ପ୍ରଥମ ଏକକ : ଅନୁବାଦ ତତ୍ତ୍ୱ ଓ ବିଧି

ଦ୍ୱିତୀୟ ଏକକ : ଅନୁବାଦ କଳା ଓ ପ୍ରୟୋଗ କୌଶଳ

ତୃତୀୟ ଏକକ : ଅନୁବାଦ କୌଶଳ

## ବିଶେଷଜ୍ଞ କମିଟି

୧. **ପ୍ରଫେସର ଡଃ ଖଗେଶ୍ୱର ମହାପାତ୍ର** — **ଅଧକ୍ଷ**
ପ୍ରଫେସର (ଅବସରପ୍ରାପ୍ତ), ବିଶ୍ୱଭାରତୀ
ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

୨. **ଡଃ ବସନ୍ତ କୁମାର ପଣ୍ଡା** — **ସଦସ୍ୟ**
ପ୍ରାଧାପକ, ଓଡିଆ ବିଭାଗ
ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର

୩. **ପ୍ରଫେସର ଡଃ ନାରାୟଣ ସାହୁ** — **ସଦସ୍ୟ**
ପ୍ରଫେସର (ଅବସରପ୍ରାପ୍ତ)
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

୪. **ଡଃ କ୍ଷୀରୋଦ ଚନ୍ଦ୍ର ବେହେରା** — **ସଦସ୍ୟ**
ପ୍ରାଧାପକ, ଓଡିଆ ବିଭାଗ
ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟ,
ଭୁବନେଶ୍ୱର

୫. **ଡଃ ଦିଲ୍ଲୀପ କୁମାର ନାୟକ** — **ଆବାହକ**
ଅଧାପକ, ଓଡିଆ ବିଭାଗ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
ସମ୍ବଲପୁର

## ପ୍ରସ୍ତୁତି

**ଲେଖକ**

**ଡଃ ଅରବିନ୍ଦ ପ୍ରଧାନ**
ଆସିଷ୍ଟାଣ୍ଟ ପ୍ରଫେସର, ଓଡ଼ିଆ ବିଭାଗ
ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ,
ଭୁବନେଶ୍ୱର

**ସମୀକ୍ଷା ଓ ସଂପାଦନା**

**ଡଃ ଦିଲ୍ଲୀପ କୁମାର ନାୟକ**
ଅଧାପକ, ଓଡିଆ ବିଭାଗ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
ସମ୍ବଲପୁର

## ସାମଗ୍ରୀ ଉତ୍ପାଦନ

**ଡ. ଜୟନ୍ତ କର ଶର୍ମା**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

© OSOU, 2017. *Promoting Use and Contribution of Open Education Resources* is made available under a Creative Commons Attribution-ShareAlike 4.0 http://creativecommons.org/licences/by-sa/4.0

Printers by : Sri Mandir Publication, Sahid Nagar, Bhubaneswar

# ପ୍ରାକ୍‌ଭାଷ

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ଓ ଯୋଗାଯୋଗ କାର୍ଯ୍ୟକ୍ରମକୁ ସ୍ୱାଗତ ।

ଭାଷା ମଣିଷର ଏକ ସ୍ୱତନ୍ତ୍ର ବିଭବ ଯାହା ତାକୁ ଅନ୍ୟ ମଣିଷ ସହ ଯୋଗାଯୋଗ ରକ୍ଷା କରିବାରେ ସହାୟତା ପ୍ରଦାନ କରିଥାଏ । ଏହି ପ୍ରକ୍ରିୟା ମାଧ୍ୟମରେ ସେ ସାମାଜିକ ରୂପାନ୍ତରଣ ଆଡକୁ କ୍ରମଶଃ ଗତିକରେ । ଶିଶୁଟି ଏଇ ଭାଷା ମାଧ୍ୟମରେ ସମଗ୍ର ବିଶ୍ୱକୁ ଜାଣେ । ମଣିଷ ବିଭିନ୍ନ ସାଂକେତିକ ତଥା ଲିଖିତ ଭାଷା ମାଧ୍ୟମରେ ଆପଣା ଭାବ ପ୍ରକାଶ କରିଥାଏ । ତେଣୁ ଭାଷାକୁ ଆମେ ଏକ ପ୍ରକାରର ଭାବ-ବାହୀ ସଂକେତ ଭାବରେ ମଧ୍ୟ ଗ୍ରହଣ କରିପାରିବା, ଯାହା ସମଗ୍ର ପୃଥିବୀରେ ଭିନ୍ନଭିନ୍ନ ଉଚ୍ଚାରଣ ମାଧ୍ୟମରେ ସେଇ ସମାନ କଥାକୁ ଇଂଗିତ କରିପାରେ । ଅତଏବ ଏକା ପ୍ରକାରର ବକ୍ତବ୍ୟକୁ ଭିନ୍ନଭିନ୍ନ ଉଚ୍ଚାରଣ ଭଂଗୀ ବା ଶୈଳୀ ମାଧ୍ୟମରେ ପ୍ରକାଶ କରାଯାଉଥିବାରୁ ଭାଷାକୁ ଆମେ ଯୋଗାଯୋଗର ସର୍ବାପେକ୍ଷା ଶକ୍ତିଶାଳୀ ମାଧ୍ୟମ ଭାବରେ ମଧ୍ୟ ବିବେଚନା କରିପାରିବା । ଭାଷା ସଦା ପରିବର୍ତ୍ତନଶୀଳ ଏକ ଶକ୍ତିଶାଳୀ ମାଧ୍ୟମ । ଏହା ସର୍ବଦା ପାରିପାର୍ଶ୍ୱିକ ପରିବେଶ ଦ୍ୱାରା ବଦଳୁଥାଏ । ସେଥିପାଇଁ ଭାରତର ପ୍ରାଦେଶିକ ସୀମାରେଖାରେ ଜୀବନ କାଟୁଥିବା ଅଧିବାସୀ ମାନେ ନିଜ ପ୍ରଦେଶର ଓ ପଡୋଶୀ ପ୍ରଦେଶର ଭାଷା ଉପରେ ବେଶ୍ ଦକ୍ଷତା ଅର୍ଜନ କରିଥାନ୍ତି । ଭାରତରେ ପ୍ରଚଳିତ ମୋଟ ୭୮୦ଟି କଥିତ ଭାଷାରୁ ବିଗତ ୫୦ ବର୍ଷ ମଧ୍ୟରେ ଅନ୍ତତଃ ୨୨୦ରୁ ଊର୍ଦ୍ଧ୍ୱ ଭାଷା ମୃତ୍ୟୁ ଲଭିଲେଣି । ଏଥି ମଧ୍ୟରୁ ଅନେକଙ୍କର ଲିଖିତରୂପ ନାହିଁ । ସରକାରୀ ପ୍ରୋତ୍ସାହନ ଅଭାବରୁ ଅନେକ ଭାଷା କ୍ରମଶଃ ଲୋପ ପାଉଥିବାର ଦୃଷ୍ଟାନ୍ତ ମଧ୍ୟ ଦେଖିବାକୁ ମିଳିଥାଏ । କିନ୍ତୁ ଏଭଳି କିଛି ପ୍ରାଚୀନ ଭାଷା ରହିଛି, ଯେଉଁଥିରେ ଅତି ମୂଲ୍ୟବାନ ତଥ୍ୟ,ତତ୍ତ୍ୱ,ଦର୍ଶନ ଲୁକ୍‌କାୟିତ ହୋଇରହିଛି । ଅତଏବ ସେ ସବୁଭାଷାର ଅଧିକରୁ ଅଧିକ ପ୍ରୟୋଗ ହୋଇପାରିଲେ ତା'ର ଅନ୍ତଃସତ୍ତାକୁ  ବୁଝିବା ଓ ପ୍ରକାଶ କରିବା ସମ୍ଭବ ହେବ । ଭାଷା ଗୋଟିଏ କ୍ଲିଷ୍ଟକର ବ୍ୟାପାର । ଏହାକୁ ବୁଝିବାକୁ,ଜାଣିବାକୁ ହେଲେ ବ୍ୟାକରଣ ଜ୍ଞାନ ନିତାନ୍ତ ପ୍ରୟୋଜନ । ବ୍ୟାକରଣ ମାଧ୍ୟମରେ ତର୍କ ଏବଂ ତର୍କ ମାଧ୍ୟମରେ ଭାଷାବିଜ୍ଞାନକୁ ବୁଝିବା ସହଜସାଧ୍ୟ ହୋଇଥାଏ । ଆମମାନଙ୍କ ଜୀବନ ଉପରେ ଭାଷାର ପ୍ରଭାବ ଅତୁଳନୀୟ  । ଭାଷା ଏକ ଜୀବନ୍ତ ପ୍ରକ୍ରିୟା । ଏହାକୁ ଅର୍ଜନ କଲେ ଜ୍ଞାନର ଦିଗ୍‌ବଳୟ ପ୍ରସାରିତ ହୋଇଥାଏ । ଅତଏବ ଭାଷା, ଭାଷା ବିଭବ ବ୍ୟାକରଣ ଓ ତା'ର ପ୍ରାୟୋଗିକ ଦିଗ ଗୁଡିକୁ ଉତ୍ତମ ରୂପେ ବୁଝିବା ଆବଶ୍ୟକ । ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ବହିରାଗତ ଆକ୍ରମଣକାରୀଙ୍କ ପ୍ରଭାବ ଯୋଗୁଁ ଭାରତର ବିଭିନ୍ନ ସାମାଜିକ, ରାଜନୈତିକ, ଅର୍ଥନୈତିକ ତଥା ସାଂସ୍କୃତିକ କ୍ଷେତ୍ରରେ ବିପୁଳ ଆଲୋଡନା ସୃଷ୍ଟି ହୋଇଥିଲା । ସେଇ ସମୟରେ ଅତୀତର ରାଜା ଓ ରାଜା କୈନ୍ଦ୍ରିକ ଭାଷା ଆମର ଭାଷା ଭଣ୍ଡାରକୁ ବହୁମାତ୍ରାରେ ପ୍ରଭାବିତ କରିଥିଲା । ତେଣୁ ପଂଚଦଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଅଣଇଂରେଜୀ ବୈଦେଶିକ ପ୍ରଭାବ ଏବଂ ତା ପରଠାରୁ ଇଂରେଜୀ ଭାଷା ସଂସ୍କୃତିର ପ୍ରଭାବ ଆମ ଭାଷା ବିଭବକୁ ପ୍ରକାରାନ୍ତରେ ସମୃଦ୍ଧ କରିଛି ବୋଲି କୁହାଯାଇପାରିବ । ରେଡିଓ,ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ବିସ୍ତାର ସହ ବିଜ୍ଞାନ ଓ ବୈଷୟିକ ବିଦ୍ୟାର ପ୍ରସାର ଯୋଗୁଁ ଆମ ଭାଷାରେ ଅନେକ ପ୍ରକାରର ନୂତନ ଶବ୍ଦ ଓ ବାକ୍ୟପ୍ରକରଣ ଶୈଳୀର ଅନୁପ୍ରବେଶ ଘଟିଛି । ଏସବୁର ସଫଳ ଓ ତ୍ରୁଟିଶୂନ୍ୟ ପ୍ରୟୋଗକୁ ଦେଖାଇବା ସହ ଓଡିଆ ଭାଷା ଓ ବ୍ୟାକରଣ ସୁବିସ୍ତୃତ ପରିଚୟ ପ୍ରଦାନ କରିବା ଉକ୍ତ କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ । ସମୁଦାୟ ୩୨ଟି

କ୍ରେଡିଟ୍‌ରେ ବିଭାଜିତ ଉକ୍ତ କାର୍ଯ୍ୟକ୍ରମରେ ମୋଟ ଦୁଇଟି ସେମିଷ୍ଟର ରହିଛି । ପ୍ରତ୍ୟେକ ସେମିଷ୍ଟର ନିମନ୍ତେ ତିନୋଟି ଲେଖାଏଁ ପାଠ୍ୟକ୍ରମ ଅନୁବର୍ତ୍ତନ କରାଯାଇଛି । ସର୍ବଶେଷରେ ପୂର୍ବପଠିତ ସମସ୍ତ ବିଦ୍ୟାକୁ କଂପ୍ୟୁଟର କୌଶଳ ମାଧ୍ୟମରେ ଲିଖିତରୂପ ପ୍ରଦାନ କରାଯାଇ ଶିକ୍ଷାକୁ ଅଧିକ ଯୁଗୋପଯୋଗୀ କରାଯାଇପାରିବ ସେଥି ନିମନ୍ତେ ପ୍ରଯତ୍ନ କରାଯାଇଛି । ପ୍ରତ୍ୟେକ ସେମିଷ୍ଟର ଶେଷରେ ପ୍ରାୟୋଗିକ ଦିଗକୁ ସମୃଦ୍ଧ କରିବାପାଇଁ ପ୍ରୋଜେକ୍ଟ ରଖାଯାଇଛି । ସହଜ ପଠନ ନିମନ୍ତେ ପ୍ରତ୍ୟେକ ପାଠ୍ୟକ୍ରମକୁ ବିଭିନ୍ନ ବ୍ଲକ୍ ଓ ପ୍ରତ୍ୟେକ ବ୍ଲକ୍‌କୁ ୟୁନିଟ୍ / ଏକତ୍ରରେ ବିଭକ୍ତ କରାଯାଇଛି । ପାଠ୍ୟକ୍ରମ ପରିବେଷଣର ନିର୍ଦ୍ଦିଷ୍ଟ ଅନ୍ତରାଳରେ ନିଜର ପ୍ରଗତି ମାପିବା ନିମନ୍ତେ ଆତ୍ମପରିକ୍ଷଣ ପ୍ରଶ୍ନାବଳୀ ପ୍ରଦାନ କରାଯାଇଛି । ପଠନ କାଳରେ ଏସବୁର ଉତ୍ତର ଲେଖିବାପାଇଁ ପ୍ରଦତ୍ତ ଶୂନ୍ୟସ୍ଥାନରେ ବିଦ୍ୟାର୍ଥୀମାନେ ଛୋଟ ଛୋଟ ଉତ୍ତର ଲେଖନ୍ତୁ ଏବଂ ପରବର୍ତ୍ତୀ ପାଠ୍ୟକ୍ରମକ ଆଡକୁ ଆଗେଇ ଚାଲନ୍ତୁ । ତଦ୍ୱାରା ପାଠ୍ୟକ୍ରମ ସମାପ୍ତି ବେଳକୁ ବିଦ୍ୟାର୍ଥୀମାନେ ସେହି କ୍ଷେତ୍ରରେ ଆତ୍ମ ବିଶ୍ୱାସ ଅର୍ଜନ କରିପାରିବେ । ବିଶ୍ୱାସ,ବିଦ୍ୟାର୍ଥୀମାନେ ଏହି ମୁଦ୍ରିତ ପାଠ୍ୟ ବ୍ୟତୀତ,ଇଂଟରନେଟ୍,ରେଡିଓ .ମଲ୍ଟିମିଡିଆ କ୍ଲାସ୍, ୱେବ୍ ସାଇଟ୍, ଇ-ମେଲ ,ଇତ୍ୟାଦିର ସଫଳ ପ୍ରୟୋଗ କରି ଅଧିକରୁ ଅଧିକ ବୋଧଗମ୍ୟତା ଅର୍ଜନ କରିବେ ।

ମୁକ୍ତ ଓ ଦୂରଶିକ୍ଷା ପ୍ରବର୍ତ୍ତନ କ୍ଷେତ୍ରରେ ଏହା ଏକ ପ୍ରାରମ୍ଭିକ ପ୍ରଚେଷ୍ଟା । ଅତଏବ ବିଦ୍ୟାର୍ଥୀମାନେ ପଠନକାଳରେ ନିଜର ସୁଚିନ୍ତିତ ମତାମତ ପ୍ରଦାନକଲେ ପରବର୍ତ୍ତୀ କାଳରେ ତାହା କିପରି ଅଧିକ ଉପଯୋଗୀ ହୋଇପାରିବ,ସେଥି ନିମନ୍ତେ ପ୍ରଯତ୍ନ କରାଯିବ ।

ସଂପାଦକ

# ବିଷୟ ଗଠନ

୧.୧.ପଠନର ଉଦ୍ଦେଶ୍ୟ
୧.୨ ବିଷୟ ପରିଚୟ
୧.୩ ପାଠ ପରିଚୟ
୧.୪ ଅନୁବାଦ ; ଏକ ପରିଚୟ
୧.୪.୧. ଅନୁବାଦ ଏକ ସାର୍ଥକ କଳା ଓ ବିଜ୍ଞାନ ନା କାରିଗରୀ
୧.୪.୨. ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୧.୫. ଅନୁବାଦ ; ସଂଜ୍ଞା ନିର୍ଣ୍ଣୟ
୧.୫.୧. ଅନୁବାଦର ସଂଜ୍ଞା
୧.୫.୨. ପାଶ୍ଚାତ୍ୟ ସମାଲୋଚକଙ୍କ ଦୃଷ୍ଟିରେ ଅନୁବାଦର ସଂଜ୍ଞା
୧.୫.୩ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ
୨.୧. ପଠନର ଉଦ୍ଦେଶ୍ୟ
୨.୨ ଅନୁବାଦର ପ୍ରକାରଭେଦ
୨.୨.୧ ମୁକ୍ତ ଅନୁବାଦ
୨.୨.୨ ଶବ୍ଦାନୁବାଦ
୨.୨.୩ ଅର୍ଥାନୁବାଦ
୨.୨.୪ ଭାବନୁବାଦ
୨.୨.୫ ଛାୟାନୁବାଦ
୨.୨.୬ ବ୍ୟାଖ୍ୟାନୁବାଦ
୨.୨.୭ ସାରାନୁବାଦ
୨.୨.୮ ଟୀକାନୁବାଦ
୨.୨.୯ ଆଶୁ ଅନୁବାଦ
୨.୨.୧୦ ଯନ୍ତ୍ରାନୁବାଦ
୨.୩ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ
୨.୪ ଅନୁବାଦର ଆବଶ୍ୟକତା
୨.୪.୧ ଅନୁବାଦ ସମସ୍ୟା
୨.୪.୨ ଅଭ୍ୟାସ ନିମନ୍ତେ ପ୍ରଶ୍ନ
୩.୧ ପଠନର ଉଦ୍ଦେଶ୍ୟ
୩.୨ ଅନୁବାଦ ପ୍ରକ୍ରିୟା
୩.୨.୧ ପାଠ ପଠନ
୩.୨.୨ ପାଠ ବିଶ୍ଳେଷଣ
୩.୨.୩ ଭାଷାନ୍ତର
୩.୨.୪ ସମାଯୋଜନା
୩.୨.୫ ମୂଳ ସହିତ ତୁଳନା
୩.୨.୬ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ
୩.୨.୭ ଆମେ କ'ଣ ଜାଣିଲେ
୩.୩ . ଅନୁବାଦ କୌଶଳ
୩.୩.୧ ଆଦର୍ଶ ଅନୁବାଦର ନମୁନା
୩.୩.୨. ସାମ୍ଭାବ୍ୟ ପ୍ରଶ୍ନାବଳୀ

## ପ୍ରଥମ ଏକକ : ଅନୁବାଦ ତତ୍ତ୍ୱ ଓ ବିଧି

### ୧.୧ ପଠନର ଉଦ୍ଦେଶ୍ୟ :-

ଅନୁବାଦ ବିଷୟରେ ବହୁ ଭାଷାରେ ବହୁ ଆଲୋଚନା ହୋଇଛି ତଥାପି ଓଡିଆ ଭାଷାରେ ଅନୁବାଦ କୌଶଳ ତଥା ଅନୁବାଦ ସମ୍ପର୍କରେ ଜାଣିବା ଆବଶ୍ୟକ। ଏହି ଏକକରେ ଅନୁବାଦର ତତ୍ତ୍ୱ ସହିତ ଅନୁବାଦ କୌଶଳର ଶିକ୍ଷା ପ୍ରଦାନ କରାଯାଇଛି। ଜଣେ ବ୍ୟକ୍ତି କେବଳ ଏହାକୁ ପାଠ କରି ପରୀକ୍ଷାରେ ଭଲ ନମ୍ବର ରଖିବେ ତାହା ଏହି ଏକକର ଉଦ୍ଦେଶ୍ୟ ନୁହେଁ। ଜଣେ ଭଲ, ବିଶ୍ୱସ୍ତ ଏବଂ ସଫଳ ଅନୁବାଦକ ସୃଷ୍ଟି କରିବା ହେଉଛି ଏହି ଏକକର ଉଦ୍ଦେଶ୍ୟ। ପ୍ରତ୍ୟେକ ଭାଷାର ନିଜସ୍ୱ ବ୍ୟକ୍ତବ୍ୟ ଭଙ୍ଗୀ ରହିଛି। ସେହି କ୍ରମରେ ଓଡିଆ ଭାଷାର ଅଭିବ୍ୟକ୍ତକୁ ସମସ୍ତ ଓଡିଆ ଭାଷା ଶିଖୁଥିବା ଶିକ୍ଷାର୍ଥୀ ଓ ପାଠକ ଜାଣିବେ ମାତ୍ର ଶିକ୍ଷାର୍ଥୀ ଓଡିଆ ଭାଷାର ଗନ୍ତାଘରେ ରହିଥିବା ଅମୂଲ୍ୟ ଗ୍ରନ୍ଥରାଜିର କିପରି ଅନୁବାଦ କରିପାରିବେ ଏବଂ ଅନୁବାଦ ତତ୍ତ୍ୱକୁ ବୁଝିପାରିବେ ତାହା ହେଉଛି ଏହି ଏକକର ମୂଳ ଉଦ୍ଦେଶ୍ୟ। ତତ୍ତ୍ୱ ସର୍ବକାଳୀକ। ଅର୍ଥାତ୍ ତତ୍ତ୍ୱ ସବୁବେଳେ ସମାନ ସବୁକାଳ ପାଇଁ। ପ୍ରଥମେ ତତ୍ତ୍ୱକୁ ନଜାଣି ଅନୁବାଦ କାର୍ଯ୍ୟ କରିବା ସହଜ ବ୍ୟପାର ନୁହେଁ। ଏଣୁ ଅନୁବାଦର ତତ୍ତ୍ୱ ସମ୍ପର୍କରେ ଏହି ଏକକରେ ଶିକ୍ଷାପ୍ରଦାନ କରାଯିବ। ଶିକ୍ଷାର୍ଥୀ ଅନୁବାଦର ତତ୍ତ୍ୱକୁ ଜାଣି ଅନୁବାଦ କରିବାକୁ କିପରି ସମର୍ଥ ହେବେ ତାହାହିଁ ଏହି ଏକକର ଉଦ୍ଦେଶ୍ୟ। ଏହା ସହିତ ଅନୁବାଦ କଲା ବେଳେ ଅନୁବାଦକ କିପରି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ତଥା ସେହି ସମସ୍ୟା ଗୁଡିକର ନିରାକରଣ କିପରି କରିପାରିବେ। ଜଣେ ସଫଳ ଅନୁବାଦକ କିଏ ଓ କିପରି ସେ ଅନୁବାଦ କଲାବେଳେ ନିଜକୁ ପ୍ରସ୍ତୁତ କରିବେ, ଆଜିର ସମାଜରେ ଅନୁବାଦର କ'ଣ ଆବଶ୍ୟକତା ରହିଛି ଇତ୍ୟାଦି ସମ୍ପର୍କରେ ଶିକ୍ଷା ପ୍ରଦାନ କରିବା ହେଉଛି ଏହି ଏକକର ଉଦ୍ଦେଶ୍ୟ। ଶିକ୍ଷାର୍ଥୀ ମାନେ ସାବଧାନତା ସହିତ ଏହି ଏକକକୁ ପାଠକରିବେ ଏବଂ ନିଜସ୍ୱ ଶୈଳୀରେ ସଫଳ ଅନୁବାଦ କାର୍ଯ୍ୟ ସଂପନ୍ନ କରିପାରିବେ । ଏହି ଉଦ୍ଦେଶ୍ୟକୁ ନେଇ ଏହି ଏକକର ପରିକଳ୍ପନା କରାଯାଇଛି। ସବୁଠାରୁ ବଡକଥା ହେଉଛି ଆଧୁନିକ ଭାଷାବିଜ୍ଞାନ (Linguistics) ର ଗୋଟିଏ ଆବଶ୍ୟକୀୟ ଉପାଦାନ ରୂପରେ ଆଜି ଅନୁବାଦ ଛିଡା ହୋଇଥିବାରୁ ତାର ଗୁରୁତ୍ୱକୁ ଶିକ୍ଷାର୍ଥୀଙ୍କ ନିକଟରେ ପ୍ରତୀତ କରାଇବା ହେଉଛି ଏହି ଏକକର ମହତ ଉଦ୍ଦେଶ୍ୟ।

### ୧.୨ ବିଷୟ ପରିଚୟ :-

ସାମ୍ପ୍ରତିକ କାଳର ଏକ ଆର୍ଶିବାଦ ହେଉଛି ଅନୁବାଦ। ସମଗ୍ର ବିଶ୍ୱ ଆଜି ବ୍ୟକ୍ତିର ହାତମୁଠାରେ ରହିଛି। ଯନ୍ତ୍ର ସଭ୍ୟତାର ଦ୍ରୁତ ଅଗ୍ରଗତି ଫଳରେ ଆଜିର ବିଶ୍ୱ ମଣିଷର ହାତରେଥିବା ଗୋଟିଏ ସୁଇଚ୍ ରେ ଆସି ରହିଯାଇଛି। ସେହି କ୍ରମରେ ବିଶ୍ୱ ସାହିତ୍ୟକୁ ଜାଣିବାରେ "ଅନୁବାଦ" ହିଁ ଗୋଟିଏ ମାଧ୍ୟମ ଅଟେ। ସମୟର ଗତିସ୍ରୋତରେ ଆଜିର ବିଶ୍ୱରେ କେଉଁଠି ନା କେଉଁଠି

ପ୍ରତିମୂହୁର୍ତ୍ତରେ ଘଟଣା ଘଟିବାରେ ଲାଗିଛି ସେ ସମ୍ପର୍କରେ ଅବଗତ କରାଇବାର ଅନୁବାଦ ହେଉଛି ମୂଳ ଓ ପ୍ରଧାନ ମାଧ୍ୟମ। ଆଜିର ଯୁଗରେ ସମସ୍ତେ ସୂଚନା(Information) ପାଇବା ନିମନ୍ତେ ସୂଚନା ପ୍ରଯୁକ୍ତିବିଦ୍ୟା (Information Technology)ର  ସାହାଯ୍ୟ ନେଉଛନ୍ତି, ମାତ୍ର ଏହି ବିଦ୍ୟାର ମୂଳ ଯୋଗସୂତ୍ର କାରଣ ହେଉଛି ଅନୁବାଦ। ଆଜିର ବିଶ୍ୱରେ ଅନେକ ଭାଷା ଏପରିକି ଅନେକ ରାଷ୍ଟ୍ରରେ ଅନେକ ଭାଷାର ବ୍ୟବହାର ହେଉଛି। ତେବେ ସେହିଭାଷାର ସୃଜନଶୀଳ ସ୍ରଷ୍ଟା ମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସାହିତ୍ୟିକ କଳାକୃତି କୁ ଅନ୍ୟ ଭାଷଭାଷୀ ଅଞ୍ଚଳରେ ବସବାସ କରୁଥିବା ପାଠକ ପାଠିକା ମାନଙ୍କ ନିକଟରେ ପହଞ୍ଚାଇବାର ଏକ ସଫଳ ମାଧ୍ୟମ ହେଉଛି ଅନୁବାଦ। ଅନୁବାଦ କାର୍ଯ୍ୟ ଦ୍ୱାରା ଗୋଟିଏ ଦେଶରେ ପ୍ରଚଳିତ ବା ବ୍ୟବହୃତ ଭାଷା ମାଧ୍ୟମଦେଇ ସେହି ଦେଶର ସାଂସ୍କୃତିକ ଚେତନା, ଜୀବନ ଧାରଣ ପ୍ରଣାଳୀ, ବେଶ ଭୂଷା ,ଖାଦ୍ୟପେୟ ଆଦି ବିଷୟରେ ଅନ୍ୟକୁ ଜଣାଇଥାଏ ଅନୁବାଦ। ଆଜିର ସମାଜରେ ଦେଶ ଦେଶ ମଧ୍ୟରେ ବ୍ୟାପାର,ବାଣିଜ୍ୟ ,ସାଂସ୍କୃତିକ ସମ୍ପର୍କ ଆଦି ରକ୍ଷାକରିବା।

## ୧.୩ ପାଠପରିଚୟ :-

ଅନୁବାଦ ସମ୍ପର୍କରେ ଶିକ୍ଷାକରୁ ଥିବା ଶିକ୍ଷାର୍ଥୀଙ୍କ ଅନୁବାଦ ଦକ୍ଷତା ବୃଦ୍ଧି କରିବା ହେଉଛି ଏହି ପାଠର ମୂଳଲକ୍ଷ୍ୟ। ତେଣୁ ଏହି ଏକକ ମଧ୍ୟରେ ଅନୁବାଦ କଣ? ବିଜ୍ଞାନ (Science) ନା କାରିଗରୀ (Technology) ନା କଳା (Art) ସେ ସମ୍ପର୍କରେ  ଜଣାଇ ଦିଆଯାଇଛି। ଅନୁବାଦ ବିଶ୍ୱସ୍ତରରେ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଏହାର ଗୋଟିଏ ପରମ୍ପରା ପାଶ୍ଚାତ୍ୟ ସାହିତ୍ୟରେ ରହିଆସିଛି ସେହିକ୍ରମରେ ଓଡିଆ ଭାଷା , ଭାରତୀୟ ଭାଷା ମଧ୍ୟ ପଛରେ ପଡିନାହିଁ। ସେ ସବୁ ସମ୍ପର୍କରେ ଶିକ୍ଷାଦାନ କରି ଅନୁରାଗ ସୃଷ୍ଟିକରିବା (ଅନୁବାଦପ୍ରତି) କୁ ଚେଷ୍ଟା କରାଯାଇଛି। ଅନୁବାଦ କଲା ବେଳେ ଅନୁବାଦକ କେଉଁ କୌଶଳ ଅବଲମ୍ବନ କଲେ ସେ ସଫଳ ଅନୁବାଦଟିଏ କରିପାରିବ ସେ ସମ୍ପର୍କରେ ଏହି ପାଠ ମଧ୍ୟରେ ଶିକ୍ଷା ଦିଆଯାଇଛି ଅନୁବାଦ କଲାବେଳେ ଅନୁବାଦକ କି କି ସମସ୍ୟାର ସମ୍ମୁଖୀନ ହେବେ ଏବଂ ସେହି ସମସ୍ୟାକୁ କିପରି ସମାଧାନ କରିପାରିବେ ଉଦାହରଣ ସହିତ ଏହି ପାଠ କ୍ରମରେ ବୁଝାଇ ଦିଆଯାଇଛି। ଉତ୍ସ ଭାଷା (Source Language) ଓ ଲକ୍ଷ୍ୟଭାଷା (Target Language) ମଧ୍ୟ କିପରି ସମନ୍ୱୟ ରକ୍ଷା କରି ଅନୁବାଦକ ଅନୁବାଦ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବେ ତାହା ମଧ୍ୟ ଏହି ଏକକରେ ବୁଝାଇ ଦିଆଯିବାକୁ ଚେଷ୍ଟା କରାଯାଇଛି। ସାମ୍ପ୍ରତିକ ସମାଜରେ ଅନୁବାଦର ଆବଶ୍ୟକତା ଓ ଉପଯୋଗିତା କିପରି ରହିଛି ତାହା ମଧ୍ୟ ଏହି ଏକକ ରେ ବୁଝାଇ ଦେବାକୁ ଚେଷ୍ଟା କରାଯାଇଛି।

## ୧.୪ ଅନୁବାଦ : ଏକ ପରିଚୟ :-

ଗୋଟିଏ ଭାଷାରେ ପ୍ରୟୋଗ ହୋଇଥିବା ଭାବଧାରାକୁ ଅନ୍ୟଭାଷାରେ ରୂପାନ୍ତର କରିବାର ପ୍ରକ୍ରିୟାକୁ ଅନୁବାଦ କୁହାଯାଏ। ଏଣୁ ଅନୁବାଦର କାର୍ଯ୍ୟ ହେଲା ଉତ୍ସ ଭାଷା (Source Language) ରେ ବ୍ୟକ୍ତ ହୋଇଥିବା ଭାବକୁ ଲକ୍ଷ୍ୟଭାଷା (Target Language) ରେ ପରିପ୍ରକାଶ କରିବା। ମାତ୍ର ଏହିକାର୍ଯ୍ୟ ସହଜ କିମ୍ବା ସରଳ ନୁହେଁ। ଏଠାରେ ଅନୁବାଦକର ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରତ୍ୟେକ ଭାଷା ନିଜସ୍ୱ ପରିବେଶରେ ବେଶ ସୁସ୍ପଷ୍ଟ। ନିଜସ୍ୱ ଧ୍ୱନ୍ୟାତ୍ମକ ଉଚ୍ଚାରଣ ,ଶାବ୍ଦିକ ବୈଭବ। ଅର୍ଥାଗତ ବଳିଷ୍ଠତା ରୂଢ଼ି, ଲୋକୋକ୍ତିଗତ ବିଶେଷତ୍ୱ ରହିଛି। ଅନୁବାଦ କାର୍ଯ୍ୟର ଅର୍ଥ ନୁହେଁ ଯେ ସମାନ ଅର୍ଥ ପ୍ରତିପନ୍ନ ଶବ୍ଦ ଗୁଡିକର ଚୟନ ପ୍ରକ୍ରିୟା ଦ୍ୱାରା ଅନୁବାଦ ହେବାଉଚିତ। କାରଣ ସମାନ ଅଭିବ୍ୟକ୍ତି ମୂଳକ ଶବ୍ଦ (Target Language) ଲକ୍ଷ୍ୟ ଭାଷାରେ ମିଳିନପାରେ। ଏଣୁ ଅନୁବାଦକ ବାଚ୍ୟାର୍ଥ ପରିବର୍ତ୍ତେ ଲକ୍ଷ୍ୟାର୍ଥ ଓ ବ୍ୟଙ୍ଗ୍ୟାର୍ଥକୁ ଗ୍ରହଣକରି ଅନୁବାଦ କରିବାକୁ ପଡିଥାଏ। ତେବେ ଯାଇ ଅନୁବାଦ ଉତ୍ତମ ଅନୁବାଦ ହୋଇପାରିବ।

## ୧.୪.୧ ଅନୁବାଦ ଏକ ସାର୍ଥକ କଳା ଓ ବିଜ୍ଞାନ ନା କାରିଗରୀ :-

ଅନୁବାଦ କଳା ନା ବିଜ୍ଞାନ ନା କାରିଗରୀ ବିଦ୍ୟା? ବିଷୟ ମଧ୍ୟରୁ ଅନୁବାଦକୁ ମୁଖ୍ୟତଃ କଳା ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଏ। ସାଂପ୍ରତିକ ପରିପ୍ରେକ୍ଷୀରେ ଅନୁବାଦର ବହୁଳ ପ୍ରସାର ହେଲାଣି। ସୁତରାଂ ଅନୁବାଦରେ ଅନୁବାଦ ନିଜସ୍ୱ ସୃଜଶୀଳତାର ପରିଚୟ ମିଳୁଥିବାରୁ ଆମେ ଏହାକୁ (ଅନୁବାଦକୁ) କଳା ଶ୍ରେଣୀରେ ଅନ୍ତର୍ଭୁକ୍ତ କରିପାରିବା। ଅନୁବାଦ କଳା ବେଳେ ଅନୁବାଦକ ନିଜସ୍ୱ ଭାବାଭିବ୍ୟକ୍ତିର ସଂପୂର୍ଣ୍ଣ ପରିଚୟ ଦେଇ ପାରନ୍ତି ନାହିଁ। ତାଙ୍କୁ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରହିବାକୁ ପଡିଥାଏ। ପ୍ରଖ୍ୟାତ ହିନ୍ଦୀ ସମାଲୋଚକ ଡଃ ଭୋଳାନାଥ ତିଓ୍ୱାରୀ ଅନୁବାଦକୁ କଳା ବୋଲି ସ୍ୱୀକାର କରନ୍ତି ନାହିଁ। ତାଙ୍କର ବକ୍ତବ୍ୟ ହେଲା,“ଅନୁବାଦରେ ଅନୁବାଦକ କବି, ଚିତ୍ରକର, ମୂର୍ତ୍ତିକାର ଭଳି ନିଜସ୍ୱ ଆତ୍ମାଭିବ୍ୟକ୍ତି କରିପାରେ ନାହିଁ। ମାତ୍ର ଅନୁବାଦକର ବ୍ୟକ୍ତିତ୍ୱ ଅନୁବାଦ କ୍ଷେତ୍ରରେ ଗୋଟିଏ ବଡ ଭୂମିକା ଗ୍ରହଣ କରିଥାଏ। ସେଥି ନିମନ୍ତେ ଗୋଟିଏ ମୂଳ କୃତିର ଯଦି ୨ଟି ଅନୁବାଦ କରାଯାଏ ତେବେ ତାହା ଭିନ୍ନ ହୋଇଥାଏ। ଦୁଇଟି ଯାକ ସମାନ ହୁଏନାହିଁ। ସେଥି ନିମନ୍ତେ ମୂଳ କୃତିକୁ ଆମେ “ସୃଜନ”(creation) ଭାବରେ ଗ୍ରହଣ କଲାବେଳେ ଅନୁବାଦକୁ ଆମେ (re-creation) ବା ପୁର୍ନସର୍ଜନ ଭାବରେ ଗ୍ରହଣ କରିବା।

କଳାତ୍ମକ ପ୍ରକାଶକୁ ଆମେ ସୃଜନ ଭାବରେ (creation) ଭାବରେ ଗ୍ରହଣ କରୁ। ସୁତରାଂ ଏହି ସୃଜନ କଳାରେ କଳାକାର ଅତି ସ୍ୱାଧୀନ ମତବ୍ୟକ୍ତ କରିଥାଏ। ନିଜସ୍ୱ ଆତ୍ମାନୁଭୂତିକୁ ସେ ସ୍ୱଚ୍ଛନ୍ଦ ଭାବରେ ପ୍ରକାଶ କରିପାରେ ଏଣୁ ଏହି ପ୍ରକ୍ରିୟାକୁ ଆମେ “ସୃଜନ କଳା” ଭାବରେ ଗ୍ରହଣ କରୁ। ତେବେ ଅନୁବାଦ କ୍ଷେତ୍ରରେ ଅନୁବାଦକଙ୍କୁ ପୂର୍ଣ୍ଣ ସ୍ୱାଧୀନତା ନମିଳୁଥିଲେ ବି ସେଥିରେ ସେ

କଳାର ଅନ୍ୟଦିଗ ଗୁଡିକୁ ପ୍ରକାଶ କରିପାରେ। ସେଥି ନିମନ୍ତେ ଅନୁବାଦକୁ ମଧ୍ୟ ଆମେ କଳା ବୋଲି ଗ୍ରହଣ କରିପାରିବା। ପୁଣି ଅନୁବାଦକୁ “ବିଜ୍ଞାନ” ଅନ୍ତର୍ଭୁକ୍ତ କରାଯାଇପାରେ। କୌଣସି ବିଷୟରେ ବିଶେଷ ଜ୍ଞାନକୁ ଆମେ ବିଜ୍ଞାନ କହିଥାଉ। ସେଥିନିମନ୍ତେ ଆମେ ରାଜନୀତି ବିଜ୍ଞାନ, ମାନବ ବିଜ୍ଞାନ,ବିଜ୍ଞାନ,ଆଦି ବିଷୟକୁ ମଧ୍ୟ ବିଜ୍ଞାନର ମାନ୍ୟତା ହେଇଛୁ। ଅନୁବାଦ ଭାଷାବିଜ୍ଞାନ ଅନ୍ତର୍ଭୁକ୍ତ (Applied Linguistc) ହୋଇଥିବାରୁ ଏହା ନିଶ୍ଚିତ ଏକ ବିଜ୍ଞାନ ଅଟେ। ଉତ୍ସ ଭାଷା (Source Language) ଏବଂ ଲକ୍ଷ୍ୟ ଭାଷା (Target Language) ର ଧ୍ୱନି, ଶବ୍ଦ, ରୂପ, ବାକ୍ୟ ଓ ଅର୍ଥ – ସମ୍ବନ୍ଧୀୟ ସମାନତା ଓ ଅସମାନତାର ତୁଳନା ଆଧାରରେ ଅନୁବାଦ କରାଯାଏ। ଅନୁବାଦର ତୁଳନୀୟ ପ୍ରଧାନ ପାଥେୟ। ଅନୁବାଦକ ପ୍ରଥମେ ମୂଳ କୃତିକୁ ପାଠ କରି ସମାନତା ଅସମାନତାକୁ ଖୋଜି ଲକ୍ଷ୍ୟ ଭାଷାରେ ତାହା କେତେ ଦୂର ଯଥାର୍ଥ ହେବ ସେ ସମ୍ପର୍କରେ ମାନସିକ ସ୍ତରରେ ଚିନ୍ତନ କରେ। ଆବଶ୍ୟକ ସ୍ଥଳେ ବର୍ଜନ ଓ ସଂଯୋଜକ କରିବାକୁ ହୁଏ। ପୁଣି ନିଜସ୍ୱ ଚେତନାରୁ ଉଦ୍ଭବ ନୂତନ ଶବ୍ଦ ବା ପର୍ଯ୍ୟାୟବାଚୀ ଶବ୍ଦ (ଯାହା Target Language ରେ ମିଳିଥାଏ) ତାକୁ ଅନୁବାଦ ମଧ୍ୟରେ ସ୍ଥାନିତ କରିଥାଏ। ଏସବୁ ପ୍ରକ୍ରିୟାକୁ ଆମେ ବୈଜ୍ଞାନିକ କ୍ରିୟା ବୋଲି କହି ପାରିବା। ସୁତରାଂ ଅନୁବାଦକୁ ବିଜ୍ଞାନ କରିବା ଯଥାର୍ଥ।

ଅନୁବାଦ କାରିଗରୀ ବିଦ୍ୟା ନୁହେଁ। କଳା ଓ କାରିଗରୀ ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ରହିଛି। କଳାରେ କଳାକାର ନିଜର ଆତ୍ମଭିବ୍ୟକ୍ତି ପ୍ରକାଶ କରିଥାଏ ମାତ୍ର କାରିଗରୀ ବିଦ୍ୟାରେ ଆତ୍ମାଭିବ୍ୟକ୍ତି ପ୍ରକାଶିତ ହୋଇ ପାରେ ନାହିଁ। କଳା ସ୍ୱାଭାବିକ ଓ ସହଜାତ ବିଦ୍ୟା। କେହି ଅଭ୍ୟାସ ଦ୍ୱାରା ଏ ବିଦ୍ୟାର ଅଧିକାରୀ ହୋଇପାରେ ନାହିଁ। ଯଦି ତାର ସହଜାତ କଳାତ୍ମକ ପ୍ରକାଶ ଭଙ୍ଗୀ ସହିତ ସୌନ୍ଦର୍ଯ୍ୟ ଚେତନା ନଥାଏ ତାହେଲେ କଳାସୃଷ୍ଟି ସମ୍ଭବ ହୁଏ ନାହିଁ। ମାତ୍ର କାରିଗରୀ ମୁଖ୍ୟତଃ ସାଧନା ,ଅଭ୍ୟାସ ଓ ପରିଶ୍ରମର ଫଳ। ଅନୁବାଦ କ୍ଷେତ୍ରରେ ମୂଳତଃ ତାହା ଘଟିଥାଏ, ତେଣୁ କେତେକଙ୍କ ମତରେ ଏହାକୁ “ପ୍ରେମ ପାଇଁ ଶ୍ରମ” ବା Labaur of Love ବୋଲି କୁହାଯାଇଛି। ଗୋଟିଏ ରଚନା ପ୍ରତି ଜଣେ ପାଠକ ବା ଆଲୋଚକର ଅନୁରକ୍ତି ବଢିଲେ ସେ ନିଜ ଭାଷାରେ ତାକୁ ଅନୁବାଦ କରିବାକୁ ପ୍ରବୃତ୍ତ ହୁଏ। ତେଣୁ ଅନୁବାଦ କର୍ମକୁ କାରିଗରୀ କହିବାର ଯଥାର୍ଥତା ରହିଛି।

**ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ**

୧- (କ) ଅନୁବାଦ କହିଲେ କଣ ବୁଝ ?

(ଖ) କେଉଁ ଭାଷାରୁ କେଉଁ ଭାଷାକୁ ଅନୁବାଦ କରାଯାଏ।

(ଗ)ଆଧୁନିକ ଭାଷାବିଜ୍ଞାନର କେଉଁ ବିଭାଗରେ ଅନୁବାଦ ବିଭାଗୀକୃତ।

**ମନେରଖ :-**

(କ) ଅନୁବାଦ କଲାବେଳେ ବାଚ୍ୟାର୍ଥ ପରିବର୍ତ୍ତେ ଲକ୍ଷ୍ୟାର୍ଥ ଓ ବ୍ୟଙ୍ଗ୍ୟାର୍ଥକୁ ଗ୍ରହଣ କରି ଅନୁବାଦ କଲେ ଅନୁବାଦ କର୍ମ ସଫଳ ହୁଏ।

(ଖ) ଅନୁବାଦ କର୍ମରେ ଅନୁବାଦକଙ୍କ ସୃଜନଶୀଳତାର ପରିଚୟ ମିଳିଥାଏ।

(ଗ) ଅନୁବାଦ କର୍ମ ମଧ୍ୟ ଏକ ସୃଜନଶୀଳ ମୌଳିକ କର୍ମ ଅଟେ।

(ଘ)ଲକ୍ଷ୍ୟ ଭାଷା ଉତ୍ସ ଭାଷାର ଧ୍ୱନି,ଶବ୍ଦ,ରୂପ,ବାକ୍ୟ ଓ ଅର୍ଥ ସମ୍ବନ୍ଧୀୟ ସମାନତା ଓ ଅସମାନତା ତୁଳନା ଅଧାରରେ ଅନୁବାଦ କରାଯାଏ।

(ଙ) ତୁଳନା ହିଁ ଅନୁବାଦର ମୂଳ କର୍ମ।

(ଛ) ଅନୁବାଦ କର୍ମରେ ସୃଜନଶୀଳତା ପ୍ରକାଶ ପାଉଥିବାରୁ ଏହାକୁ କାରୀଗରୀ ବିଦ୍ୟା ବୋଲି କୁହାଯାଏ।

## ୧.୫. ଅନୁବାଦ : ସଂଜ୍ଞା ନିର୍ଣ୍ଣୟ

### ୧.୫.୧ ଅନୁବାଦର ସଂଜ୍ଞା :-

'ଅନୁବାଦ' ଶବ୍ଦର ଅର୍ଥ ହେଉଛି ପୁନଃକଥନ ବା ଯାହାପରେ କୁହାଯାଇଛି।। 'ଅନୁ' ଉପସର୍ଗ ସଂଯୋଗରେ 'ବଦ୍' ଧାତୁରେ 'ଅ' ପ୍ରତ୍ୟୟ ଯୋଗ ହୋଇ 'ଅନୁବାଦ' ଶବ୍ଦ ନିଷ୍ପନ୍ନ ହୋଇଅଛି ଯଥା – ଅନୁ + ବଦ୍ + ଅ = 'ଅନୁବାଦ'

'ନ୍ୟାୟ ସୂତ୍ର'ର ବର୍ଣ୍ଣନା ଅନୁଯାୟୀ ବିଧି ଓ ବିହିତର ଅନୁବଚନ ହିଁ ଅନୁବାଦ। ଏହାର ବାସ୍ତବ ଅର୍ଥ ହେଲା ବାଦାନୁବାଦ। କେବଳ ଯୁକ୍ତି ଗୁଡିକ ବାଦ - ଅନୁବାଦ ଅଟେ। ଅର୍ଥାତ୍ ପୁନଃ କଥନ ବା ପୁନଃ ଲିଖନ। ଏହି ଯୁକ୍ତି ଗୁଡିକ ନିୟମ ବା ବିଧି ସଙ୍ଗୀତ ଅଟେ।

- ମାତ୍ର ଆଜିର 'ଅନୁବାଦ' ଶବ୍ଦର ଅର୍ଥ ନ୍ୟାୟସୂତ୍ରର ଅର୍ଥକୁ ପୂର୍ଣ୍ଣତଃ ସମର୍ଥନ କରୁନାହିଁ। ସାଂପ୍ରତିକ କାଳରେ 'ଅନୁବାଦ', ଇଂରାଜୀ Translation ଶବ୍ଦର ଗୋଟିଏ ପ୍ରତିଶବ୍ଦ ଅଟେ। ଅର୍ଥାତ୍ ଯାହା Translation ତାକୁ ଆମେ ଓଡିଆରେ ଆଜି 'ଅନୁବାଦ' ବୋଲି ବୁଝୁଅଛୁ। ଇଂରାଜୀ Translation ଶବ୍ଦ ମଧ୍ୟ ଦୁଇଟି ସମ୍ମିଶ୍ରଣରେ ଗଠିତ ଯଥା – Trans + Lation। Translation ଶବ୍ଦର ମୂଳ ଅର୍ଥ ହେଲା କୌଣସି ଭାବଧାରାକୁ ଅନ୍ୟତ୍ର ବହନ କରିବା। Trans ର ଅର୍ଥ ସ୍ଥାନାନ୍ତରଣ ଓ Lation ର ଅର୍ଥ ପାଠ୍ୟ ବା ଭବଧାରା ଏ ଦୁଇଟି ଶବ୍ଦର ସମିଶ୍ରିତ ଅର୍ଥ ହେଉଛି ଗୋଟିଏ ଭାବଧାରାକୁ ଅନ୍ୟଭାଷାକୁ ବହନ କରିବାର କାର୍ଯ୍ୟକୁ Translation କୁହାଯାଏ।
- ବିଧ୍ୟର୍ଥେ ବାଦାନୁବାଦ ବଚନ ବିନିଯୋଗାତ୍ ବିଧି ବିହିତ ସ୍ୟାନୁବଚନନୁବାଦ - ନ୍ୟାୟସୂତ୍ର ୨/୧/୬୫

ଓଡିଆରେ Translation ନିମନ୍ତେ ଦୁଇଟି ଶବ୍ଦର ପ୍ରୟୋଗ ହୋଇଥାଏ ଯଥା –(୧) ଅନୁବାଦ ଓ (୨) ରୂପାନ୍ତର। ଅନୁବାଦର ଅର୍ଥ ପୁନଃକଥନ ବା ପୁନରାୟ କହିବା ଏବଂ ରୂପାନ୍ତରର ଅର୍ଥ ରୂପଗତ ପରିବର୍ତ୍ତନ ବା ଆକୃତିର ପରିବର୍ତ୍ତନ।

**୧.୫.୨ ପାଶ୍ଚାତ୍ୟ ସମାଲୋଚଙ୍କ ଦୃଷ୍ଟିରେ ଅନୁବାଦର ସଂଜ୍ଞା :-**

ଅନୁବାଦର ସଂଜ୍ଞା ଓ ସ୍ୱରୂପକୁ ନେଇ ବିଶ୍ୱସ୍ତରରେ ବହୁ ଦାର୍ଶନିକ ,ସମାଲୋଚକ ,ସାହିତ୍ୟକ ମାନେ ବହୁ ମତ ପ୍ରଦାନ କରିଛନ୍ତି। ଫରାସୀ କଥାଶିଳ୍ପୀ ଆନାତୋଲା ପ୍ରାଁଙ୍କ ମତ ଯେ - Translation like women are either faithful or beautiful, but rarely both। ବାସ୍ତବରେ ଏହି "faithful" ବା "ବିଶ୍ୱସନୀୟତା" ଅନୁବାଦ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ।

ଅନୁବାଦ ତତ୍ତ୍ୱବିତ୍ 'Catford'ଙ୍କ ଉକ୍ତି ମଧ୍ୟ ବେଶ୍ ପ୍ରଣିଧାନ ଯୋଗ୍ୟ। ତାଙ୍କ ମତରେ ଅନୁବାଦ ହେଉଛି – The replacement of textual in one language by equivalent textual materials in another Language.

ବିଶ୍ୱ ପ୍ରସିଦ୍ଧ ଆଲୋଚକ (T.H. Savory) ଙ୍କ ମତରେ (Translation is almost as old as original authership and has a history as

honourable and as complex as that of any other branch of literature).(The Art of Translation –chap –III) ସେହିପରି ଅନ୍ୟଜଣେ ବିଶିଷ୍ଟ ତତ୍ତ୍ୱବିତ୍ E.A.Nida ଙ୍କ ମତ ଯେ - (Translation Consists in Producing in the receptor Language the closest natural equivelete to the message of the source language first in meaning and secondly in style.The task of translation is fundamentally culture bound).

ସେହିପରି ଅନେକ ସମାଲୋଚକ,ସାହିତ୍ୟିକ ଅନୁବାଦତତ୍ତ୍ୱବିତ୍ ମାନେ ଅନୁବାଦ ସଂପର୍କରେ ଅନେକ ମତ ପ୍ରଦାନ କରିଛନ୍ତି ଯାହା ବେଶ୍ ପ୍ରେରଣାଦାୟୀ ଅଟେ। ପାଶ୍ଚାତ୍ୟ ସାହିତ୍ୟିକ ଗେଟେଙ୍କ ଅନୁଯାୟୀ – "କୌଣସି ଗୋଟିଏ ଉତ୍ତମ ଅନୁବାଦ ଆମ୍ଭମାନଙ୍କୁ ବହୁଦୂର ପଥର ଯାତ୍ରୀ କରାଏ।" ଏତଦ୍ ବ୍ୟତୀତ ମାଥ୍ୟୁଆର୍ନୋଲଡ୍, ଡକ୍ଟର ଜନ୍‌ସନ୍, କ୍ରୋଚେ,ଭିକ୍ଟରହ୍ୟୁଗୋ ପ୍ରଭୃତି ବିଶିଷ୍ଟ ସାହିତ୍ୟିକ ମାନେ ମତ ଦିଅନ୍ତି ଯେ ଯଥାର୍ଥ ଅନୁବାଦ କରିବା ସମ୍ଭବ ନୁହେଁ। ତାହା କେବଳ ମିଥ୍ୟାଚାର କିମ୍ୱା ଆଂଶିକ ସଫଳତା ହୁଏତ ମିଳିପାରେ। ଆଜିର ସମାଜରେ ତୁଳନାତ୍ମକ ସାହିତ୍ୟର ମୂଳ ଭାବରେ ଅନୁବାଦ ଏକ ଅପରିହାର୍ଯ୍ୟ ପ୍ରକ୍ରିୟା ଭାବରେ ଛିଡା ହୋଇଛି। ଏହି ପ୍ରକ୍ରିୟା (ଅନୁବାଦ) ଦ୍ୱାରା ସମଗ୍ର 'ବିଶ୍ୱସାହିତ୍ୟ'ର ପରିକଳ୍ପନା,ସାହିତ୍ୟରେ ଚିନ୍ତା ଓ ଚେତନା ର ବିନିମୟ ହେଉଛି। ବିଶ୍ୱର ପ୍ରତ୍ୟେକ ଭାଷାର କିଛିନା କଛି ସ୍ୱାତନ୍ତ୍ର୍ୟ ରହିଛି ଏବଂ ବୈଶିଷ୍ଟ୍ୟ ମଧ୍ୟ ରହିଛି। ସୁତଂରା ପ୍ରତ୍ୟେକ କୃତିକୁ ଅନୁବାଦ କରିବା ସମ୍ଭବ ହୋଇ ନପାରେ,କିନ୍ତୁ ବିଶ୍ୱସ୍ତତା ( ମୂଳଗ୍ରନ୍ଥ ବା କୃତି ) ସହିତ କରାଯାଇଥିବା ଅନୁବାଦ ନିଶ୍ଚୟ ପ୍ରତ୍ୟେକ ପାଠକ ପାଠିକା ଗବେଷକ ,ଗବେଷିକା ମାନଙ୍କ ଦ୍ୱାରା ନିଶ୍ଚୟ ଗ୍ରହଣୀୟ ହୋଇପାରିବ।

**୧.୫.୩ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ**

(କ) ଅନୁବାଦ ଶବ୍ଦର ବ୍ୟୁତ୍ପତ୍ତି ଦର୍ଶାଅ

ଅନୁ + ବଦ୍ +ଅ = ଅନୁବାଦ

(ଖ) ପ୍ରାଚୀନ ସଂସ୍କୃତ ସାହିତ୍ୟରେ ଅନୁବାଦର ଅର୍ଥ କ'ଣ ଲେଖାଯାଇଛି ?

ପୁନଃକଥନ ବା ପୁନଃ ଲିଖନ।

(ଗ) ଅନୁବାଦ ଇଂରାଜୀ କେଉଁ ଶବ୍ଦର ପ୍ରତିରୂପ ଅଟେ ?

Translation

(ଘ) କେଉଁ ଦୁଇଟି ଶବ୍ଦକୁ ନେଇ ଇଂରାଜୀ Translation ଶବ୍ଦର ସୃଷ୍ଟି ହୋଇଛି ଏବଂ ସେହି ଶବ୍ଦ ଦୁଇଟିର ଅର୍ଥ କଣ ?

Trans – ବହନ କରିବା ,ସ୍ଥାନାନ୍ତର କରିବା

Lation - ପାଠ୍ୟ ବା ଭାବଧାରା

(ଙ) ଓଡିଆରେ Translation ଶବ୍ଦର ଅର୍ଥ ପ୍ରତୀତ ନିମନ୍ତେ କେଉଁ ଶବ୍ଦ ଦୁଇଟି ବ୍ୟବହୃତ ହୋଇଥାଏ ?

ରୂପାନ୍ତର , ଅନୁବାଦ,

**<u>ମନେରଖ :-</u>**

(କ) ସଂସ୍କୃତ 'ବଦ୍' ଧାତୁରେ ଅନୁଉପସର୍ଗ ଯୋଗ ହୋଇ ଅ ପ୍ରତ୍ୟୟ ଦ୍ୱାରା ଶବ୍ଦ ସୃଷ୍ଟି ହୋଇଛି।

(ଖ) ଅନୁବାଦର ଅର୍ଥ ହେଇଛି ପୁନଃ କଥନ ବା ପୁନଃ ଲିଖନ

(ଗ) ଅନୁବାଦ ଶବ୍ଦର ଇଂରାଜୀ ପ୍ରତିଶବ୍ଦ ହେଉଛି Translation, ଏହା ମଧ୍ୟ ୨ଟି ଶବ୍ଦ ଯଥା Trans ବା ସ୍ଥାନାନ୍ତରଣ lation ପାଠ୍ୟ ବା ଭାବାଭିବ୍ୟକ୍ତି ର ସମ୍ମିଶ୍ରଣରେ ଗଠିତ।

(ଘ) ଅନୁବାଦ ଆଜିର ସମାଜରେ ତୁଳନାତ୍ମକ ସାହିତ୍ୟର ମୂଳଭାବରେ ଗୃହୀତ ହେଲାଣି।

(ଙ) ଅନୁବାଦ ଦ୍ୱାରା ବିଶ୍ୱସାହିତ୍ୟରେ ଭାବ ଓ ଚେତନାର ବିନିମୟ ହୋଇଥାଏ।

(ଛ) ଅନୁବାଦରେ ମୂଳଗ୍ରନ୍ଥ ପ୍ରତି ବିଶ୍ୱସ୍ତତା ରଖି ଯଦି ଅନୁବାଦ କାର୍ଯ୍ୟ କରାଯାଏ ତେବେ ଅନୁବାଦ ସଫଳ ଓ ସାର୍ଥକ ହୋଇଥାଏ।

## ଦ୍ୱିତୀୟ ଏକକ : ଅନୁବାଦ କଳା ଓ ପ୍ରୟୋଗ କୌଶଳ

### ୨.୧ ପଠନର ଉଦ୍ଦେଶ୍ୟ :-

ପୂର୍ବ ପଠନର ଉଦ୍ଦେଶ୍ୟ ଏକକରେ ତୁମେ ଅନୁବାଦର ସ୍ୱରୂପ ଓ ପରିଚୟ ସଂପର୍କରେ ବିଶେଷ କଥା ଏହି ଏକକ ଅଧ୍ୟୟନରେ ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ଜାଣିଲେ। ଉଦ୍ଦେଶ୍ୟ ହେଉଛି ଅନୁବାଦର ପ୍ରକାର ଭେଦ ଉପରେ ଆଲୋକପାତ କରିବା। ଉକ୍ତ ଏକକଟିର ଅଧ୍ୟୟନ ଉତ୍ତାରୁ ତୁମେମାନେ ବିଭିନ୍ନ ପ୍ରକାରର ଅନୁବାଦର ପରିଭାଷା ଓ ପ୍ରକାରଭେଦ ସଂପର୍କରେ ଜ୍ଞାନ ଅର୍ଜନ କରିପାରିବ। ତତ୍‌ସହିତ ମେସିନ୍ ଅନୁବାଦ ଓ ଅନୁବାଦର ଆବଶ୍ୟକତା ସହିତ ସମସ୍ୟା ସଂପର୍କୀତ ଜ୍ଞାନ ଆହରଣ ମଧ୍ୟ କରିପାରିବ। ପ୍ରତିଟି ଏକକରେ ଆତ୍ମ ପରୀକ୍ଷଣ ନିମନ୍ତେ କିଛି କିଛି ପ୍ରଶ୍ନ ପ୍ରଦାନ କରାଯାଇଛି। ଅଧ୍ୟୟନ କାଳରେ ସେ ସବୁର ଉତ୍ତର ସେଇସ୍ଥାନରେ କରିବାକୁ ଚେଷ୍ଟା କର। ତଦ୍ୱାରା ପରବର୍ତ୍ତୀ ପାଠ ସେଇ ସ୍ଥାନରେ ଆଡକୁ ଅଗ୍ରସର ହେବା ନିମନ୍ତେ ଆଗ୍ରହ ବୃଦ୍ଧିପାଇବ।

### ୨.୨ ଅନୁବାଦର ପ୍ରକାର ଭେଦ :-

ଆଜିର ସମୟରେ ଅନୁବାଦ ପ୍ରତି ଯଥେଷ୍ଟ ପରିମାଣରେ ଆଗ୍ରହ ବୃଦ୍ଧି ପାଇଛି। ଅନୁବାଦ ପ୍ରତି ଆଗ୍ରହ ବୃଦ୍ଧି ହେତୁ ଏହାର ତାତ୍ତ୍ୱିକ ବିଶ୍ଳେଷଣ ତଥା ବିଭିନ୍ନ ଦିଗରୁ ଏହାର ଆଲୋଚନା ହେବାରେ ଲାଗିଛି। ଏହି ଆଲୋଚନା ପର୍ଯ୍ୟାଲୋଚନା ବିଶ୍ଳେଷଣ ରୁ ଅନୁବାଦର ପ୍ରକାର ଭେଦ ପ୍ରସଙ୍ଗ ଆସିଛି। କେଉଁ ପ୍ରକାର ଅନୁବାଦ ଯଥାର୍ଥ ଅନୁବାଦ ଅଟେ ? ଏ ଭଳି ପ୍ରଶ୍ନ ଯେତେବେଳେ ପାଠକ ନିକଟରେ ଆସି ପହଂଚେ ସେତେବେଳେ ଅନୁବାଦର 'ପ୍ରକାରଭେଦ' ପ୍ରସଙ୍ଗ ଆସି ପହଞ୍ଚେ। ଅନୁବାଦ କାର୍ଯ୍ୟ ଯେତେ ସହଜ ବୋଲି ଜଣାପଡେ ବାସ୍ତବରେ ସେତେ ସହଜ କାର୍ଯ୍ୟ ନୁହେଁ। ଆଜି ଅନୁବାଦର ରୀତି ବହୁବଧି ହେଲାଣି ବିଜ୍ଞାନ ର ଅଗ୍ରଗତି ସହିତ ପ୍ରଯୁକ୍ତିବିଦ୍ୟା (Technology) ର ଅଗ୍ରଗତି ଯୋଗୁଁ ଅନୁବାଦ କର୍ମ ଅପେକ୍ଷାକୃତ ସହଜତା ଆଡକୁ ଗତି କଲାଣି।

ଅନୁବାଦ ମୁଖ୍ୟତଃ ୨ ପ୍ରକାର ଅଟେ। ଯଥା – ଶବ୍ଦାନୁବାଦ (Literal Translation) ଅନ୍ୟଟି ଅର୍ଥାନୁବାଦ (Literary Translation)। Literal Translation ବା ଶବ୍ଦାନୁବାଦ କୁ ଔପଚାରିକ ଅନୁବାଦ ,ବା Formal Translation କୁହାଯାଏ। ଅର୍ଥାନୁବାଦକୁ Dynamic ବା ସତ୍ୟାନୁବନ୍ଧ ଅନୁବାଦ କୁହାଯାଏ। ଶବ୍ଦାନୁବାଦ ସର୍ଜନଶୀଳ ଅନୁବାଦ (Creative) ନୁହେଁ। ତେବେ ଅର୍ଥାନୁବାଦ ସୃଜନଶୀଳ ଅଟେ। ଅନୁବାଦର ପ୍ରକୃତି ଦୃଷ୍ଟିରୁ ମୁଖ୍ୟତଃ ଏହା ଦୁଇପ୍ରକାର ହୋଇଥିଲେ ହେଁ ଏହାର ପ୍ରକାରଭେଦ ମଧ୍ୟରେ ଅନ୍ୟ କେତେକ ପ୍ରକାର ଅନୁବାଦ ହେଉଥିବାର ଦେଖିବାକୁ ମିଳେ।

## ୨.୨.୧ ମୁକ୍ତ ଅନୁବାଦ : - (ମୂଳମୁକ୍ତ)

ମୁକ୍ତ ଅନୁବାଦ ସବୁଠାରୁ ଶ୍ରେଷ୍ଠ ଅନୁବାଦ ଅଟେ। ଏଥିରେ ଅନୁବାଦକଙ୍କୁ ସ୍ୱାଧୀନତା ମିଳିଥାଏ। ଅନୁବାଦ ମୂଳ ଠାରୁ ମୁକ୍ତ ହୋଇ ନିଜସ୍ୱ ବିଚାର ଓ ଅଭିବ୍ୟକ୍ତିର ସ୍ୱାଧୀନ ପ୍ରୟୋଗ କରିପାରେ। ମାତ୍ର ବିଷୟ ବସ୍ତୁ ବା ଭାବ ଠାରୁ ଅନୁବାଦକ ମୁକ୍ତ ନୁହେଁ। ଯଦି ଅନୁବାଦ କଲା ବେଳେ ଅନୁବାଦକ ଭାବ ଓ ବିଷୟ ବସ୍ତୁ ଠାରୁ ସ୍ୱାଧୀନ ହୋଇଯାଏ ତେବେ ତାହା ପ୍ରବଂଚନା ହୋଇଥାଏ। ମୁକ୍ତ ଅନୁବାଦ କଲାବେଳେ ଅନୁବାଦକ Target Language ବା ଲକ୍ଷ୍ୟ ଭାଷାରେ ଖାପ୍ ଖାଇବା ଭଳି ପରିସ୍ଥିତିରେ ଅନୁବାଦ କରେ। Sourse Language ବା ଲକ୍ଷ୍ୟ ଭାଷାର ଯେଉଁ ସବୁ ବିଷୟକୁ ସେ ଅନୁଭବ କରେ ଯେ T.L ର ପାଠକ ଠାରେ ତାହା ଗ୍ରହଣୀୟ ହୋଇ ପାରିବ ନାହିଁ। ତାକୁ ସେ ପରିତ୍ୟାଗ କରେ। ଓଡିଆ ଭାଷାରେ ଏପରି ଅନୁବାଦ ରାଧାନାଥଙ୍କ ସାହିତ୍ୟରେ ଦେଖିବାକୁ ମିଳେ। ଏଭଳି ଅନୁବାଦ ମୌଳିକ ସାହିତ୍ୟ ଠାରୁ କିଛି କମ୍ ନୁହେଁ। ତେବେ ଏଭଳି ଅନୁବାଦରେ ଅନୁବାଦକର ସୃଜନଶୀଳତାର ପରିଚୟ ମିଳେ। ଏହି ଅନୁବାଦକଙ୍କୁ ମୂଳାଧାରିତ (ବିଶ୍ୱସ୍ତ ଅନୁବାଦ) ଅନୁବାଦ ଠାରୁ ଶ୍ରେଷ୍ଠ ବୋଲି ଗଣାଯାଏ।

ତେବେ ପ୍ରକୃତି ଦୃଷ୍ଟିରୁ ଅନୁବାଦକୁ ଭିନ୍ନ ଭାବରେ ବର୍ଣ୍ଣନା କରାଯାଇପାରେ ଯେପରିକି (କ) ଶବ୍ଦାନୁବାଦ (ଖ) ଅର୍ଥାନୁବାଦ (ଗ) ଭାବାନୁବାଦ (ଘ) ଛାୟାନୁବାଦ (ଙ) ବାଖ୍ୟାନୁବାଦ (ଚ) ସାରାନୁବାଦ (ଛ) ଆଶୁଅନୁବାଦ (ଜ) ଟୀକାନୁବାଦ (ଝ) ମେସିନ୍ /ଯନ୍ତ୍ରାନୁବାଦ।

## ୨.୨.୨ (କ) ଶବ୍ଦାନୁବାଦ :-

'ଶବ୍ଦ' ର ତିନୋଟି ଅର୍ଥ ରହିଥାଏ। ଯଥା, ଆଭିଧାନିକ ଅର୍ଥ,ଲାକ୍ଷଣିକ ଅର୍ଥ ଓ ବ୍ୟଞ୍ଜନାତ୍ମକ ଅର୍ଥ। ଏହାକୁ ଶବ୍ଦ ଶକ୍ତି ବା word power କୁହାଯାଏ। ପ୍ରତ୍ୟେକ ଭାଷା ତାର ଶବ୍ଦ ଭଣ୍ଡାରକୁ ନେଇ ବଳିଷ୍ଠତା ର ପ୍ରମାଣ ଦେଇଥାଏ। ମୂଳତଃ ଶବ୍ଦାନୁବାଦରେ ଗୋଟିଏ ଶବ୍ଦକୁ ଅନ୍ୟ ଭାଷାରେ ପରିବର୍ତ୍ତିତ କରି ଦିଆଯାଏ। ଶବ୍ଦ ବ୍ୟାକରଣିକ ନିୟମରେ ସଂଯୋଜନା କରାଯାଇ ବାକ୍ୟରେ ବ୍ୟବହାର ହୋଇଥାଏ। ସୁତରାଂ ଶବ୍ଦାନୁବାଦରେ ସେହିପରି ବ୍ୟାକରଣିକ ନିୟମରେ ପରବର୍ତ୍ତିତ

କରିଦିଆଯାଏ। Sourse Language ର ବ୍ୟାକରଣିକ ନିୟମ ଓ ଶବ୍ଦର ଅର୍ଥ Target Language ର ବ୍ୟାକରଣିକ ନିୟମରେ ପରିବର୍ତ୍ତିତ ପ୍ରକ୍ରିୟାକୁ ଶବ୍ଦାନୁବାଦ କୁହାଯାଏ। ଏଥିରେ ମୂଳ କୃତିର ପ୍ରତ୍ୟକ୍ଷ ସମ୍ବନ୍ଧରେ ଏପରି ପ୍ରକ୍ରିୟା ହୋଇଥାଏ। 'ବାଇବେଲ' କୁ ଭାରତରେ ଜନପ୍ରିୟ କରାଯିବାର ପ୍ରଚେଷ୍ଟାବେଳେ ଏପରି ଅନୁବାଦ କରାଯାଉଥିଲା। ତେବେ ସବୁଠାରୁ ନିକୃଷ୍ଟତମ ଅନୁବାଦ ଭାବରେ ଏହାକୁ ଗ୍ରହଣ କରାଯାଏ। ଆଜିକାଲି ସମ୍ବାଦିକତା କ୍ଷେତ୍ରରେ ଏପରି ଅନୁବାଦକୁ ଦେଖାଯାଉଛି। ସମ୍ବାଦପତ୍ରର ମୁଖ୍ୟଖବର (Head Line) ପ୍ରକାଶ ବେଳେ ଉଭୟ ଇଂରାଜୀ ହିନ୍ଦୀ ଓ ଓଡିଆ ଖବର କାଗଜର (Head Line) ରେ ପ୍ରୟୋଗ ହେଉଥିବାର ଦେଖିବାକୁ ମିଳୁଛି। କେହି କେହି ଏହାକୁ ଅକ୍ଷରାନୁବାଦ ବୋଲି ଭାବନ୍ତି। ମାତ୍ର ଅକ୍ଷରାନୁବାଦ ଓ ଶବ୍ଦାନୁବାଦ ଦୁଇଟି ଭିନ୍ନ କଥା।

## ୨.୨.୩ ଅର୍ଥାନୁବାଦ :-

ଅର୍ଥାନୁବାଦ ଶବ୍ଦାନୁବାଦର ପରିପୂରକ। କାରଣ ଏଥିରେ କେବଳ ଶବ୍ଦର ଅର୍ଥକୁ ପରିବର୍ତ୍ତିତ କରି ଦିଆଯାଏ। ବାସ୍ତବରେ ଏପରି ଅନୁବାଦ ଶବ୍ଦାନୁବାଦ ଠାରୁ ଟିକିଏ ଉନ୍ନତ। ଶବ୍ଦର ଆଭିଧାନିକ ଅର୍ଥକୁ ପ୍ରୟୋଗ କରି ଅନୁବାଦକ ମୂଳକୃତିର ଅନୁବାଦ କରିଥାଏ। ଆଜିକାଲି ସାହିତ୍ୟକୃତି ବ୍ୟତୀତ ଅନ୍ୟାନ୍ୟ ସାମାନ୍ୟକୃତି ଗୁଡିକର ଏଭଳି ଅର୍ଥାନୁବାଦ କରାଯାଇଛି। ଶବ୍ଦ ପ୍ରୟୋଗର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସହିତ ଶବ୍ଦର ନିର୍ଦ୍ଦିଷ୍ଟ କେଉଁ ଆଭିଧାନିକ ଅର୍ଥର ପ୍ରୟୋଗ ହେବା ଉଚିତ୍ ତାହାକୁ ଅନୁବାଦକ ବୁଝିସାରିଲା ପରେ ଲକ୍ଷ୍ୟ ଭାଷାରେ ରୂପାନ୍ତରିତ କରିଥାଏ। ଏଥିରେ ଅନୁବାଦକ ବ୍ୟାକରଣିକ ନିୟମକୁ କେବେ ହେଲେ ଅଣଦେଖା କରି ପାରନ୍ତି ନାହିଁ। ବିଶେଷତଃ ଅନୁବାଦକ ଜଣେ ଚିନ୍ତାଶୀଳ ବ୍ୟକ୍ତିଭାବରେ କେଉଁ ଶବ୍ଦର କେଉଁ ଅର୍ଥ ପ୍ରଯୁଜ୍ୟ ତାକୁ ଚିନ୍ତାକରି ସ୍ଥାନିତ କରିଥାନ୍ତି ତେବେ ଯାଇ ଏହି ଅନୁବାଦ ସାର୍ଥକ ହୋଇଥାଏ। ତଥ୍ୟାତ୍ମକ ,ବୌଜ୍ଞାନିକ ବିଚାର ପ୍ରଧାନ ଲେଖା ଗୁଡିକର ଅର୍ଥାନୁବାଦ କରାଯାଏ।

## ୨.୨.୪ ଭାବାନୁବାଦ :-

ଭାବାନୁବାଦ ହେଉଛି ଏପରି ଏକ ଅନୁବାଦ ଯାହା ଲେଖକ ଓ ଅନୁବାଦକଙ୍କୁ ବିଶେଷ ଜନପ୍ରିୟ କରାଇଥାଏ। ଭାବାନୁବାଦରେ ଅନୁବାଦକ ମୂଳକୃତିରେ କେବଳ ଭାବକୁ ହିଁ ପ୍ରାଧାନ୍ୟ ଦେଇ ଲକ୍ଷ୍ୟଭାଷାରେ ହିଁ ଅନୁବାଦ କରିଥାନ୍ତି। ଏପରି ଅନୁବାଦକୁ ପୂର୍ଣ୍ଣାଙ୍ଗ ଯଥାର୍ଥ ସୃଜନକର୍ମ ବୋଲି ଗ୍ରହଣ କରାଯାଏ। ଭାବାନୁବାଦ କରାଯିବାର ପ୍ରକ୍ରିୟା ଅନୁବାଦକର ସ୍ୱାଧୀନତା ଅଟେ। କେବେ କେବେ ବାକ୍ୟର ଭାବ ଉପରେ ,କେବେ କେବେ ଏକାଧିକ ବାକ୍ୟକୁ ମିଶାଇ ତାର ଭାବରେ ଅନୁବାଦକ ଗୁରୁତ୍ୱ ଦେଇଥାଏ। ପୁଣି ଗୋଟିଏ ଅନୁଚ୍ଛେଦ ର ଭାବ କିମ୍ବା ଏକାଧିକ ଅନୁଚ୍ଛେଦର ଭାବକୁ ନେଇ ଅନୁବାଦକ ଅନୁବାଦ କରିଥାନ୍ତି। ମୁଖ୍ୟତଃ ସୂକ୍ଷ୍ମ ଭାବାତ୍ମକ କୃତି ଗୁଡିକର ଭାବାନୁବାଦ କରାଯାଇ ଥାଏ। ଭାବାନୁବାଦ ଅପେକ୍ଷାକୃତ ଭାବେ ସରଳ ଅଟେ। କାରଣ ଅନୁବାଦକ ନିଜସ୍ୱ ରୁଚି ଅନୁଯାୟୀ ସ୍ୱଚ୍ଛନ୍ଦରେ ଭାଷାର ପ୍ରୟୋଗ ସହିତ ମୂଳଭାବକୁ ଅନ୍ୟଭାଷା ରେ ପ୍ରକାଶ କରିପାରେ।

ତେବେ ଏଥିରେ ମଧ୍ୟ କିଛି ସମସ୍ୟା ରହିଛି। ଅନୁବାଦକର ବୁଦ୍ଧିମତ୍ତା ,ଅନୁଧ୍ୟାନଶୀଳତା,ଲକ୍ଷ୍ୟଭାଷା ଓ ସ୍ରୋତଭାଷା ଓ ସଂସ୍କୃତି ଉପରେ ଗଭୀର ପ୍ରବେଶ ଥିବା ଆବଶ୍ୟକ। ଇଂରାଜୀରେ ଏପରି ଅନୁବାଦକୁ Sence for Sense Translation ବୋଲି କୁହାଯାଏ। ଏପରି ଅନୁବାଦ ଆଦର୍ଶ ଅନୁବାଦ ବୋଲି ସାଂପ୍ରତିକ କାଳରେ ଜ୍ଞାତ ହୋଇଥାଏ।

## ୨.୨.୫ ଛାୟାନୁବାଦ :-

ଛାୟାନୁବାଦ ଭାବନାର ପରିପୂରକ କହିଲେ ଚଳେ। ଛାୟା ଅର୍ଥାତ୍ ଛାଇ ଓ ଅନୁବାଦ ଦୁଇଟି ଶବ୍ଦର ମିଳନରେ ଛାୟାନୁବାଦ ହୋଇଛି। ଛାୟା ର ପ୍ରୟୋଗ ସଂସ୍କୃତ ନାଟକ କ୍ଷେତ୍ରରେ ଯାହା ତାହା କିନ୍ତୁ ଅନୁବାଦ କ୍ଷେତ୍ରରେ ଭିନ୍ନ ଅଟେ। କୌଣସି ମୂଳକୃତିର ଭାବ ବସ୍ତୁକୁ ଅବଲମ୍ବନ ପୂର୍ବକ ଯଦି କୌଣସି କୃତି ସୃଷ୍ଟି ହୋଇଥାଏ ତେବେ ତାକୁ ଛାୟାନୁବାଦ କୁହାଯାଇଥାଏ। ଏଥିରେ ମୌଳିକତା ର ଯଥେଷ୍ଟ କ୍ଷେତ୍ର ରହିଛି ଯେଉଁଥିରେ ଅନୁବାଦକ ସ୍ୱଚ୍ଛନ୍ଦରେ ବିଚରଣ କରି ନିଜର ସର୍ଜନାତ୍ମକ କଳାର ପରିପ୍ରକାଶ କରିଥାଏ। ଏପରି ଅନୁବାଦ ମୂଳମୁକ୍ତ ନହୋଇ ମୂଳନିଷ୍ଠ ହୋଇଥାଏ। ଛାଇ ଯେପରି ବସ୍ତୁ (object) କୁ ଛାଡି ପାରେ ନାହିଁ। ସେହିପରି ଛାୟାନୁବାଦ ଶବ୍ଦଗତ ସ୍ୱାଧୀନତା ଥିଲେ ମଧ୍ୟ ଭାବଗତ ସ୍ୱାଧୀନତା ନଥାଏ ; ମୂଳ ବସ୍ତୁ (ସୃଷ୍ଟି) ର ପଦାଙ୍କ ଅନୁସରଣ କରିବାକୁ ପଡିଥାଏ। ଛାୟାନୁବାଦ ମୌଳିକ ସୃଷ୍ଟି ମଧ୍ୟରେ ପାର୍ଥକ୍ୟ ଜଣାପଡିନଥାଏ। ଏହାହିଁ ଛାୟାନୁବାଦର ସାର୍ଥକତା ରାଧାନାଥଙ୍କ କାବ୍ୟକୃତି,ଗଙ୍ଗାଧରଙ୍କ ତପସ୍ୱିନୀ ଇତ୍ୟାଦି କୁ ମଧ୍ୟ ଛାୟାନୁବାଦ କୁହାଯାଇପାରେ। ଗଙ୍ଗାଧରଙ୍କ ତପସ୍ୱିନୀ ଉତ୍ତର ରାମଚରିତରେ ଛାୟାନୁବାଦ ଅଟେ।

## ୨.୨.୬ ବାଖ୍ୟାନୁବାଦ :-

ବାଖ୍ୟାନୁବାଦରେ ମୂଳସୃଷ୍ଟିର ବ୍ୟାଖ୍ୟା ସହିତ ଅନୁବାଦ କରାଯାଇ ଥାଏ। ଏଥିରେ ଅନୁବାଦକଙ୍କ ବ୍ୟକ୍ତିତ୍ୱ ଓ ଜ୍ଞାନାତ୍ମକ ଦୃଷ୍ଟି କୋଣର ପରିଚୟ ମିଳେ। ଏହା ମଧ୍ୟ ମୂଳନିଷ୍ଠ ଅନୁବାଦ ଅଟେ। ଏଥିରେ ଅନୁବାଦକ ମୂଳଠାରୁ ମୁକ୍ତ ନୁହେଁ। ବାଖ୍ୟାନୁବାଦର ଅନୁବାଦକ ନିଜସ୍ୱ ଜ୍ଞାନାତ୍ମକ ଦୃଷ୍ଟି କୋଣରୁ ସ୍ପଷ୍ଟୀକରଣ ପ୍ରଦାନ କରିଥାନ୍ତି। ଏହି ସ୍ପଷ୍ଟୀକରଣ ବେଳେ ଅତିରିକ୍ତ ଉଦାହରଣ ଓ ଉଦ୍ଧରଣ ,ପ୍ରମାଣ ଇତ୍ୟାଦି ଦ୍ୱାରା ନିଜର ଯୁକ୍ତିକୁ ଉପସ୍ଥାପନ କରନ୍ତି। ବ୍ୟାଖ୍ୟନୁବାଦର ଅନୁବାଦକ ଜଣେ ଅନୁବାଦକର ଭୂମିକା ତୁଲାଇବା ସଙ୍ଗେ ସଙ୍ଗେ ସେ ଜଣେ ସଫଳ ଯୁକ୍ତିନିଷ୍ଠ ପ୍ରମାଣସିଦ୍ଧ ବ୍ୟାଖ୍ୟାକାରର ଭୂମିକା ତୁଲାଇଥାନ୍ତି। ଏଭଳି ଅନୁବାଦ ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଅଟେ। ସଂସ୍କୃତ ତାତ୍ତ୍ୱିକ ଗ୍ରନ୍ଥର ବିଭିନ୍ନ ଭାଷାରେ ଏପରି ବ୍ୟାଖ୍ୟାନୁବାଦ ଦେଖିବାକୁ ମିଳେ।

## ୨.୨.୭ ସାରାନୁବାଦ :-

'ସାରାନୁବାଦ' ଶବ୍ଦଟି ସାର + ଅନୁବାଦ ଦୁଇଟି ଶବ୍ଦର ମିଳନରେ ଗଠିତ। 'ସାର' ଅର୍ଥ ସାରବସ୍ତୁ। ସାରାନୁବାଦ ଅତ୍ୟନ୍ତ ସଂକ୍ଷିପ୍ତ ଅଟେ। ବିଶେଷତଃ ବ୍ୟାବହାରିକ କ୍ଷେତ୍ରରେ ଏପରି

ଅନୁବାଦର ଆବଶ୍ୟକତା ପଡିଥାଏ। କୌଣସି ଦୀର୍ଘ ଭାଷଣ, ଦୀର୍ଘ ପ୍ରବନ୍ଧ ବା ନିବନ୍ଧର ସାରାନୁବାଦ କରାଯାଇଥାଏ। ଏଥିରେ ଅନୁବାଦକଙ୍କର ଭାଷା ଜ୍ଞାନ ସହିତ ସଂକ୍ଷିପ୍ତତା କାର୍ଯ୍ୟରେ କେତେ ପାରଦର୍ଶିତା ଅଛି ତାହା ଜଣାପଡେ। ଆଜିକାଲି ଏପରି ଅନୁବାଦର ଯଥେଷ୍ଟ ଆବଶ୍ୟକତା

ରହିଛି। ବିଭିନ୍ନ ଅଫିସ ବା କାର୍ଯ୍ୟାଳୟ ସଂସଦୀୟ କାର୍ଯ୍ୟକଳାପ,ବିଭିନ୍ନ ସମ୍ମାନ (Seminar) ଆଦିରେ ଏପରି ଅନୁବାଦର ଗୁରୁତ୍ୱ ରହିଥିବାରୁ ଜଣାଯାଏ।

## ୨.୨.୮ ଟୀକାନୁବାଦ :-

ଟୀକାନୁବାଦ ଭାରତର ଏକ ପ୍ରାଚୀନ ପରମ୍ପରା ଅଟେ। ଟୀକାନୁବାଦ ଦ୍ୱାରା ଭାରତର ବହୁ ଦୁର୍ମୂଲ୍ୟ ଗ୍ରନ୍ଥରାଜିର ପୁର୍ନଉଦ୍ଧାର କରାଯାଇ ପାରିଛି। ବିଶେଷତଃ ସଂସ୍କୃତ, ପାଲି ,ପ୍ରାକୃତରେ ଲିଖିତ ଗ୍ରନ୍ଥ ଗୁଡିକ କ୍ରମେ ଦୁର୍ବୋଧ୍ୟ ହେବାରୁ ଏହାର ଟୀକାନୁବାଦ କରାଯାଇ 'ଭାଷ୍ୟ' ନାମରେ ନାମିତ ହୋଇଅଛି। ଯେପରିକି "ବ୍ରହ୍ମସୂତ୍ର" ର ଟୀକାନୁବାଦ କରାଯାଇ 'ଶ୍ରୀ ଗୋବିନ୍ଦ ଭାଷ୍ୟ' ନାମରେ ନାମିତ କରାଯାଇଛି। ଟୀକାନୁବାଦର ଅନୁବାଦବାଦକ ପ୍ରାଚୀନ ଭାରତୀୟ ପରମ୍ପରାରେ ଟୀକାକାର ନାମରେ ପରିଚିତ। ଏଥିରେ ମୌଳିକତାର ପରିଚୟ ମିଳେ। ଏହା ମଧ୍ୟ ମୂଳନିଷ୍ଠ ଅନୁବାଦ ଅଟେ। ଏହା ଏପରି ଏକ ଅନୁବାଦ ଯାହା ପାଠକ ନିକଟରେ ମୂଳଗ୍ରନ୍ଥ (କୃତି) ଓ ଟୀକା ମଧ୍ୟରେ କୌଣସି ସଂପର୍କ ନଥିଲା ପରି ଜଣାପଡେ। ତେବେ ବ୍ୟାଖାନୁବାଦ ଭଳି ଏଥିରେ କୌଣସି ବଳିଷ୍ଠ ଯୁକ୍ତିର ଆବଶ୍ୟକତା ପଡେ ନାହିଁ। ଟୀକାନୁବାଦ ପୂର୍ଣ୍ଣତଃ ଭାରତୀୟ ପଦ୍ଧତି ଅଟେ। ଗୀତାର ଭାଷ୍ୟ ,ବେଦ ଓ ଉପନିଷଦ ଆଦିର ମଧ୍ୟ ଭାଷ୍ୟ ରଚନା କରି ଭାଷ୍ୟକାର ମାନେ ଟୀକାନୁବାଦ ଦ୍ୱାରା ନିଜର ପରାକାଷ୍ଠା ଦେଖାଇ ସାରିଛନ୍ତି।

## ୨.୨.୯ ଆଶୁ ଅନୁବାଦ :-

ଆଶୁ ଅନୁବାଦ ସାଂପ୍ରତିକ କାଳର ଏକ ଫଳଶ୍ରୁତି ଅଟେ। 'ଆଶୁ'ର ଅର୍ଥ ଶୀଘ୍ର । ଯେଉଁ ଅନୁବାଦ ବକ୍ତବ୍ୟ ପ୍ରକାଶ ହେବା ସଂଙ୍ଗେ ସଂଙ୍ଗେ କରାଯାଏ ତାକୁ ଆଶୁ ଅନୁବାଦ କୁହାଯାଏ। ଦେଶ ଦେଶ ମଧ୍ୟରେ ସଂପର୍କ ସୂତ୍ରରେ କୌଣସି ରାଜନୈତିକ ପରିସ୍ଥିତି ବା ଶିଖର ବାର୍ତ୍ତା ପ୍ରସଂଗରେ ଏପରି ଆଶୁ ଅନୁବାଦର ଆବଶ୍ୟକତା ପଡିଥାଏ। ଭିନ୍ନ ଭିନ୍ନ ଭାଷାଭାଷୀ ହେତୁ ପ୍ରସଂଗରେ ଯଥାର୍ଥତା ଦୃଷ୍ଟିରୁ ଜଣେ ଜଣେ ଆଶୁ ଅନୁବାଦକଙ୍କ ଆବଶ୍ୟକତା ସରକାରୀସ୍ତରରେ ହୋଇଥାଏ। ଇଂରାଜୀରେ ଏହାକୁ (Interpreter) କୁହାଯାଏ। ଏଭଳି ଅନୁବାଦ କ୍ଷେତ୍ରରେ ଅନୁବାଦକର ଯଥେଷ୍ଟ ଭୂମିକା ରହିଛି। ଶବ୍ଦ ସମ୍ଭାର (ଲକ୍ଷ୍ୟ ଭାଷାର) ରେ ଧନାଢ୍ୟ ହେବା ସହିତ ଶୁଣିବା ଶକ୍ତିର ପ୍ରଖର ହେବା ଅନୁବାଦକ ନିମନ୍ତେ ଅନିର୍ବାଯ୍ୟ। ଅନ୍ୟ ଅନୁବାଦ ଭଳି ଏଥିରେ ବେଶି କିଛି ନିଜର ମୌଳିକତା ପ୍ରକାଶ କରିବା ସମ୍ଭବ ନୁହେଁ। ଏହା ମଧ୍ୟ ମୂଳନିଷ୍ଠ ଅନୁବାଦ ଅଟେ। ସାଂପ୍ରତିକ କାଳରେ ଆଶୁ ଅନୁବାଦ ନିମନ୍ତେ ବିଭିନ୍ନ ସଫ୍ଟୱେୟର ନିର୍ମାଣ ହୋଇ ବିଭିନ୍ନ

ସଂସ୍ଥାଦ୍ୱାରା ଗଣିତ (Computer) ମାଧ୍ୟମରେ ଯନ୍ତ୍ରାନୁବାଦ ହେବାକୁ ଲାଗିଲାଣି। ବର୍ତ୍ତମାନ ଏହା ବେଶ୍ ଜନପ୍ରିୟ ମଧ୍ୟ ହୋଇପାରିଛି।

## ୨.୨.୧୦ ମେସିନ୍ ଅନୁବାଦ /ଯନ୍ତ୍ରାନୁବାଦ :-

ଯନ୍ତ୍ରାନୁବାଦ ଆଜିର ସମାଜରେ ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପରିଚିତ। ଆଶୁ ଅନୁବାଦ ନିମନ୍ତେ ଯେପରି ଯନ୍ତ୍ରାନୁବାଦର ଆବଶ୍ୟକତା ରହିଛି ସେହିପରି ଦୈନନ୍ଦିନ ଜୀବନରେ ଏହି ଯନ୍ତ୍ରାନୁବାଦର ଆବଶ୍ୟକତା ରହିଛି। ଯନ୍ତ୍ର ସାହାଯ୍ୟରେ ଅନୁବାଦ ହୋଇଥିବାରୁ ଏହାକୁ ଯନ୍ତ୍ରାନୁବାଦ କୁହାଯାଏ। ଆଜିର ସମାଜରେ ଯନ୍ତ୍ରଶିଳ୍ପ ଉପରେ ସମସ୍ତେ ନିର୍ଭରଶୀଳ। ସୁତରାଂ ଯନ୍ତ୍ରକୁ ମଣିଷ ତାର ଜୀବନର ଏକ ଅବିଚ୍ଛେଦ୍ୟ ଅଂଗଭାବରେ ଗ୍ରହଣ କରିଥିବା ହେତୁ ଅନୁବାଦ ପ୍ରକ୍ରିୟାରେ ମଧ୍ୟ ଯନ୍ତ୍ରର ବ୍ୟବହାର ହେଲାଣି। (Word to Word) ଅନୁବାଦ ଯନ୍ତ୍ରରେ ଯେପରି ସମ୍ଭବ ଭାବାଭିବ୍ୟକ୍ତିର ଅନୁବାଦ ସେପରି ସମ୍ଭବ ନୁହେଁ। ପୂର୍ବ ନିର୍ଦ୍ଧାରିତ ବା Programme ଯନ୍ତ୍ରରେ ଯେଉଁଭଳି ସଂଯୋଜିତ ହୋଇଥାଏ ତାକୁ ହିଁ ଯନ୍ତ୍ର ଅବିକଳ ଉପସ୍ଥାପନ କରେ, ଫଳରେ ସାର୍ଥକ ଅନୁବାଦ ସମ୍ଭବ ହୋଇପାରେନାହିଁ। କେବଳ ବୈଜ୍ଞାନିକ କାର୍ଯ୍ୟ ସମ୍ବନ୍ଧୀୟ ତଥ୍ୟ, ପ୍ରତିରକ୍ଷା ହୋଟେଲ ଶିଳ୍ପ ଆଦି କ୍ଷେତ୍ରରେ ଏହା ସୀମିତ ହୋଇ ରହିଅଛି। ମାତ୍ର ପ୍ରଚେଷ୍ଟା ଜାରି ରହିଛି ଆଗକୁ ଏହିଯନ୍ତ୍ରାନୁବାଦ କିପରି ସାର୍ଥକ ଅନୁବାଦ କରପାରିବ। ବହୁ ଗଣିତ୍ର (Computer) ବୈଜ୍ଞାନିକ,ଭାଷାବିତ୍ ମାନେ ଏ ଦିଗରେ ଉଦ୍ୟମ ଜାରି ରଖିଛନ୍ତି।

**୨.୩ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ**

୧.(କ) ଅନୁବାଦକୁ ମୁଖ୍ୟତଃ କେତେ ଭାଗରେ ବିଭକ୍ତ କରାଯାଇପାରେ ?

ଉତ୍ତର -୨ ପ୍ରକାରର ଯଥା – ଶବ୍ଦାନୁବାଦ(Literal Translation)
ଅର୍ଥାନୁବାଦ (Literary Translation)

(ଖ) କେଉଁ ପ୍ରକାରର ଅନୁବାଦକୁ ସୃଜନଶୀଳ କୁହାଯାଇଥାଏ ?

ଉତ୍ତର- ଅର୍ଥାନୁବାଦ (Dynam Translation)

(ଗ) ଆଧୁନିକ କାଳରେ ଶବ୍ଦାନୁବାଦ ଓ ଅର୍ଥାନୁବାଦକୁ ଛାଡି ଆଉ କେତେ ପ୍ରକାର ଅନୁବାଦ ପ୍ରଚଳିତ ଅଛି ?

ଉତ୍ତର – ୧୧ ପ୍ରକାରର

(ଘ) ପ୍ରକୃତି ଦୃଷ୍ଟିରୁ ଅନୁବାଦର ପ୍ରକାର ଭେଦ ଦର୍ଶାଅ ଅର୍ଥାନୁବାଦ, ଭାଷାନୁବାଦ, ଛାୟାନୁବାଦ, ବ୍ୟାଖ୍ୟାନୁବାଦ, ସାରାନୁବାଦ, ଆଶୁଅନୁବାଦ, ଟୀକାନୁବାଦ, ଯନ୍ତ୍ରାନୁବାଦ।

(ଙ) ଶବ୍ଦର କେତୋଟି ଅର୍ଥ ରହିଥାଏ ଓ କ'ଣ କ'ଣ ?

ଉତ୍ତର – ଆଭିଧାନିକ,ଲାକ୍ଷଣିକ,ବ୍ୟଞ୍ଜନାତ୍ମକ

(ଚ) ଯନ୍ତ୍ରାନୁବାଦ କାହାକୁ କୁହାଯାଏ ?

(ଛ) ଦେଶ ଦେଶ ମଧ୍ୟରେ ଶିଖର ବାର୍ତ୍ତା ପ୍ରସଂଗରେ କେଉଁ ଅନୁବାଦର ଆବଶ୍ୟକତା ପଡିଥାଏ ।

**ମନେରଖ :-**

- ଅନୁବାଦ ମୁଖ୍ୟତଃ ଶବ୍ଦାନୁବାଦ ଓ ଅର୍ଥାନୁବାଦ ନାମରେ ୨ ଭାଗରେ ବିଭକ୍ତ ।
- ଅର୍ଥାନୁବାଦକୁ (Dynam Translation) ସୃଜନଶୀଳ ସାହିତ୍ୟ ଭାବରେ ଗ୍ରହଣ କରାଯାଇଥାଏ ।
- ଅର୍ଥାନୁବାଦକୁ ସତ୍ୟାନୁବନ୍ଧ ଅନୁବାଦ ବୋଲି କୁହାଯାଏ ।
- ଶବ୍ଦାନୁବାଦକୁ ଔପଚାରିକ ଅନୁବାଦ ବୋଲି କୁହାଯାଏ ।
- ମୂଳମୁକ୍ତ ଅନୁବାଦ ଓ ଅର୍ଥାନୁବାଦ ମଧ୍ୟରେ ପ୍ରାୟତଃ କୌଣସି ପାର୍ଥକ୍ୟ ଦେଖାଯାଏ ନାହିଁ ।
- ପ୍ରାଚୀନ ଭାରତୀୟ ସାହିତ୍ୟରେ ବ୍ୟାଖ୍ୟାନୁବାଦ ଏବଂ ଟୀକାନୁବାଦର ବହୁଳ ପ୍ରସାର ଥିଲା ।
- ଆଜିର ମଣିଷ ଯନ୍ତ୍ରାନୁବାଦକୁ ବହୁ ଗୁରୁତ୍ୱ ପ୍ରଦାନ କରାଯାଇଛି ।
- ଦେଶ ଦେଶ ମଧ୍ୟରେ ଶିଖର ବାର୍ତ୍ତା କିମ୍ବା ରାଜିନାମା କିମ୍ବା ସମ୍ମିଳନୀରେ ଆଶୁଅନୁବାଦର ଆବଶ୍ୟକତା ପଡିଥାଏ ।

## ୨.୪ ଅନୁବାଦର ଆବଶ୍ୟକତା :-

ଆଜିର ବିଶ୍ୱ ମଣିଷର ହାତମୁଠାରେ ରହିଲାଣି । ବିଶ୍ୱ ଜଗତୀକରଣ କାଳରେ ପ୍ରତ୍ୟେକ ମଣିଷ ଅନ୍ୟଜଣେ କଣ କରୁଛି ତାହା ଜାଣିବା ନିମନ୍ତେ  ଅତ୍ୟନ୍ତ ଉତ୍ସୁକତା ପ୍ରକାଶ କଲାଣି । ତାର ଚାରି ପାଖରେ କଣ ସବୁ ଘଟୁଛି ଓ ସେ କେତେ ସୁରକ୍ଷିତ ଏହା ତାର ମାନସିକ ସ୍ତରରେ ଆଜି ବେଶ୍ ଆନ୍ଦୋଳିତ କରୁଛି । ତେଣୁ ସେ ସମସ୍ତ ସୁବିଧାକୁ ନିଜ ପାଖରେ ପାଇ ଅନ୍ୟଜଣକୁ ଜାଣିବାକୁ ଚେଷ୍ଟା କରୁଛି । ଅନ୍ୟ ରାଷ୍ଟ୍ରର ସଂସ୍କୃତି, ସାହିତ୍ୟ ,ଗବେଷଣାଲବ୍ଧ ଜ୍ଞାନ ,ସଭ୍ୟତା ଆଦିକୁ ଜାଣିବା ନିମନ୍ତେ ଅନୁବାଦର ଆବଶ୍ୟକତା ବଢିଯାଇଛି । ପ୍ରତ୍ୟେକ ସ୍ଥାନକୁ  ବୁଲିଯାଇ ତାର ସାଂସ୍କୃତିକ ଚେତନା ତାର ଲୋକାଭିବ୍ୟକ୍ତି କୁ ଜାଣିବା ସମ୍ଭବ ନୁହେଁ କିମ୍ବା ପ୍ରତି ଅଂଚଳର  ଭାଷା ଶିକ୍ଷା କରି ସେହି ଭାଷାର ପୁସ୍ତକକୁ ପଢିବା ସମ୍ଭବ ନୁହେଁ । ତେଣୁ ମଣିଷ ଏ କ୍ଷେତ୍ରରେ ଅନୁବାଦକୁ ମୁଖ୍ୟ ଆବଶ୍ୟକୀୟ ଭାବେ ଗ୍ରହଣ କରିନେଇଛି । ଅନୁବାଦ ଦୂରରେ ଥିବା ବ୍ୟକ୍ତିକୁ ଯୋଡିଥାଏ, ଅନ୍ୟ ଦେଶ କଥା ଛାଡନ୍ତୁ ଆମ ନିଜର ଭାରତରେ ଅନେକ ପ୍ରଦେଶ ଅଛି ଏବଂ ପ୍ରତି ପ୍ରଦେଶର ନିଜସ୍ୱ ଭାଷା,ସଂସ୍କୃତି,ପରାମ୍ପରା,ଚଳଣି,ଖାଦ୍ୟ,ପେୟ,ପୋଷାକ,ବ୍ୟବସାୟ ଧର୍ମୀୟ ଭାବନା ଆଦି ରହିଛି । ସେସବୁ ବିଷୟରେ ପରିଚିତ ହେବା ନିମନ୍ତେ ଅନୁବାଦର ଆବଶ୍ୟକତା ରହିଛି । ବିଶ୍ୱର ପ୍ରମୁଖ

ଭାଷା ଇଂରାଜୀ ,ଚୀନ୍ ,ଋଷୀୟ ,ଆରବୀ ଆଦି ଭାଷାର ଅନୁବାଦର ଆବଶ୍ୟକତା ଯଥେଷ୍ଟ ବେଶି। ସବୁଠାରୁ ବଡ କଥା ହେଲା ସାମରିକ ଦୃଷ୍ଟିକୋଣରୁ ରାଷ୍ଟ୍ରର ସୁରକ୍ଷା ନିମନ୍ତେ ଅନୁବାଦର ଯଥେଷ୍ଟ ଆବଶ୍ୟକତା ରହିଛି। ଅନ୍ୟ ଦେଶରେ କରାଯାଉଥିବା ଗବେଷଣାର ଯଥାର୍ଥ ବିବରଣୀ ସହିତ ଗବେଷଣାଲବ୍ଧ ଜ୍ଞାନର ପ୍ରସାର ନିମନ୍ତେ ଅନୁବାଦର ଆବଶ୍ୟକତା ରହିଛି। ଏହା ବ୍ୟତୀତ ବିଦେଶୀ ସାହିତ୍ୟ ସହିତ ପରିଚିତ ହେବା, ନ୍ୟାୟ ସମ୍ବନ୍ଧୀୟ ବିଷୟର ସୂଚନା ପାଇବା, ବୈଦେଶିକ ବ୍ୟାପାର, ସାଂସ୍କୃତିକ ପରିଚୟ, ବିଶ୍ୱପର୍ଯ୍ୟଟନ, ଶ୍ରେଷ୍ଠକୃତି ଯଥା ଗୀତା, ବାଇବେଲ, କୋରାନ୍ ଆଦି ସଂପର୍କରେ ଜାଣିବା, ସାମ୍ବାଦିକତା, ଏବଂ ବିଶ୍ୱସ୍ତରୀୟ ବୈଚାରିକ ତଥ୍ୟ ଆଦାନ ପ୍ରଦାନ କ୍ଷେତ୍ରରେ ଅନୁବାଦର ଯଥେଷ୍ଟ ଆବଶ୍ୟକତା ରହିଛି।

## ୨.୪.୧ ଅନୁବାଦ ସମସ୍ୟା :-

ଅନୁବାଦ କଲାବେଳେ ଅନୁବାଦକ କିଛି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଅନୁବାଦ ପଢିଲା ବେଳେ ପାଠକ ମଧ୍ୟ କିଛି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ସବୁଠୁ ବଡ କଥା ହେଲା ପାଠକୀୟ ସମସ୍ୟା ପାଠକୀୟ ସମସ୍ୟାକୁ ଯଦି ଅନୁବାଦକ ଧ୍ୟାନ ଦିଅନ୍ତି ତେବେ ଅନୁବାଦ ସଫଳ ହୋଇ ପାରିବ। ଦୁଇଟି ଯାକ ଓ ସମସ୍ୟା କେବଳ  ଅନୁବାଦକ ଉପରେ ନିର୍ଭର କରେ। ଗଦ୍ୟ ଅନୁବାଦ କଲାବେଳେ ହେଉ ବା ପଦ୍ୟ ଅନୁବାଦ କଲାବେଳେ ହେଉ ଅନୁବାଦକ ଠାରେ ମୁଖ୍ୟ ସମସ୍ୟା ଭାବରେ ଛିଡା ହୁଏ ଭାଷାଗତ ସମସ୍ୟା । ପର୍ଯ୍ୟାୟ ବାଚଶବ୍ଦ ଚୟନ ଏବଂ ବାକ୍ୟର ସଂରଚନାତ୍ମକ ଦିଗର ସଫଳ ବିଶ୍ଳେଷଣ ବିନା ସଫଳ ଅନୁବାଦ ଅସମ୍ଭବ। ଯଦି ଅନୁବାଦକଙ୍କର (T.L) ବା ଉତ୍ସ ଭାଷା ଉପରେ ଗଭୀର ପ୍ରବେଶ ନଥିବ ତେବେ ସମସ୍ୟା ହିଁ ସମସ୍ୟା ଦେଖାଦେବ। ପ୍ରତ୍ୟେକ ଅଂଚଳର ସାଂସ୍କୃତିକ ଚେତନା ଭିନ୍ନ ହୋଇଥାଏ। ଅନୁବାଦକ ଅନୁବାଦ କଲାବେଳେ T.L ର ସାଂସ୍କୃତିକ ଚେତନା ସହିତ ପରିଚିତ ନଥିଲେ ସମସ୍ୟା ଉପୁଜିଥାଏ। ସବୁଠାରୁ ବଡ କଥା ହେଲା ସାସ୍କୃତିକ ଚେତନା ସହିତ System ବା ବ୍ୟବସ୍ଥା ସଂପର୍କରେ ମଧ୍ୟ ପରିଚିତ ହେବା ଆବଶ୍ୟକ।

- ପ୍ରତ୍ୟେକ ଭାଷାରେ ରଢି, ପ୍ରବଚନ, ପ୍ରବାଦ ଆଦି ସେହି ଭାଷାରେ ବକ୍ତବ୍ୟର ବ୍ୟଞ୍ଜନାତ୍ମକ ପ୍ରକାଶ କରିବାରେ ସମର୍ଥ ହୁଏ। ଅନୁବାଦ କଲାବେଳେ Target Language ରେ ସମପର୍ଯ୍ୟାୟର  ରଢି ଅଛି କି ନା ଅନୁବାଦକୁ ଖୋଜିବାକୁ ହୁଏ। ଯଦି ସମାନାର୍ଥକ ରଢି ନମିଳେ ତେବେ ଅନୁବାଦକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସୁତରାଂ ତାର ଉପଯୁକ୍ତ ବ୍ୟଞ୍ଜନାତ୍ମକ ଦୃଷ୍ଟିଭଙ୍ଗୀ ବୁଝି ତାକୁ ଅନୁବାଦ କରିବାକୁ ପଡିଥାଏ। ବାକ୍ୟର ଅର୍ଥ ତାର ଏକକ (Unit) ଉପରେ ନିର୍ଭରଶୀଳ ସୁତରାଂ ଅନୁବାଦକ ଯଦି ଏହି ଏକକକୁ ଚିହ୍ନିବାରେ ଅସମର୍ଥ ହୁଅନ୍ତି ତେବେ ଅନୁବାଦ କ୍ଷେତ୍ରରେ ସମସ୍ୟା ଉପୁଜିଥାଏ। ଏହିପରି ଅନୁବାଦ କଲାବେଳେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ତଥାପି ଅନୁବାଦକ ସାବଧାନତା ଅବଲମ୍ବନ କଲେ ସମସ୍ୟା ର ସମାଧାନ ପୂର୍ବକ ସାର୍ଥକ ଅନୁବାଦ କରିପାରିବେ।

## ୨.୪.୨ ଅଭ୍ୟାସ ନିମନ୍ତେ ପ୍ରଶ୍ନ :-

୧.ସାମ୍ପ୍ରତିକ କାଳରେ ଅନୁବାଦର ଆବଶ୍ୟକତା ରହିଛି କାହିଁକି ? (୧୦୦ ଶବ୍ଦ ମଧ୍ୟରେ ଉତ୍ତର ପ୍ରଦାନ କର)

୨.ଅନୁବାଦ କଲାବେଳେ ଅନୁବାଦକ କେଉଁ କେଉଁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ? (୧୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)

୩. କେଉଁ ଯୁକ୍ତିଟି ଠିକ୍ ଓ କେଉଁ ଯୁକ୍ତିଟି ଭୁଲ୍ ଦର୍ଶାଅ ।

(କ) ଭାରତରେ ବହୁ ପ୍ରଦେଶ ରହିଛି ପ୍ରତି ପ୍ରଦେଶରେ ନିଜସ୍ୱ ଭାଷା, ସଂସ୍କୃତି, ପରମ୍ପରା, ଚଳଣି, ଖାଦ୍ୟ, ପେୟ, ପୋଷାକ, ବ୍ୟବସାୟ, ଧର୍ମୀୟ ଚେତନା ଆଦି ରହିଛି ।

ହଁ / ନାଁ

(ଖ) ଆଜିକାଲି ସାମରିକ ଦୃଷ୍ଟିକୋଣରୁ ମଧ ରାଷ୍ଟ୍ର ସୁରକ୍ଷା ନିମନ୍ତେ ଅନୁବାଦର ଆବଶ୍ୟକତା ରହିଛି ।

ହଁ / ନାଁ

(ଗ) ଗୋଟିଏ ସ୍ଥାନର ଗବେଷଣା ଲବ୍ଧ ଜ୍ଞାନ ଅନ୍ୟ ରାଷ୍ଟ୍ରରେ ଅନୁବାଦ ଦ୍ୱାରା ହିଁ ପହଂଚି ପାରୁଛି ।

ହଁ / ନାଁ

(ଘ) ବିଦେଶୀ ସାହିତ୍ୟ ,ବିଦେଶୀ ସଂସ୍କୃତି ଓ ବିଦେଶୀ ଭାଷା ସଂପର୍କରେ ଅନୁବାଦ ପରିଚୟ ପ୍ରଦାନ କରେ ।

ହଁ / ନାଁ

## ତୃତୀୟ ଏକକ : ଅନୁବାଦ କୌଶଳ

### ୩.୧ ପଠନର ଉଦ୍ଦେଶ୍ୟ :-

ପୂର୍ବ ଦୁଇଟି ଏକକର ଆମେ ଅନୁବାଦ ତତ୍ତ୍ୱ ସହିତ ଏହାର ସଂଜ୍ଞା ପରିଚୟ ସଂପର୍କରେ ପାଠକଲେ। ସେଥି ସହିତ ଅନୁବାଦର ପ୍ରକାର ଭେଦ ସଂପର୍କରେ ମଧ୍ୟ ସମ୍ୟକ ପରିଚୟ ଅର୍ଜନକଲେ। ଏବେ ଏଇ ଏକକରେ ଆମେ ଅନୁବାଦର କଳା-କୌଶଳ ସଂପର୍କରେ ଆଲୋଚନା କରିବା। ମୂଳ ପାଠ ପଠନ, ପାଠ ବିଶ୍ଳେଷଣ ଭାଷାନ୍ତର ,ସମାଯୋଜନା ଓ ମୂଳପାଠ ସହିତ ତୁଳନା ମାଧ୍ୟମରେ ଆମେ ଅନୁବାଦର କୌଶଳ ଅର୍ଜନ କରିପାରିବ। ଏଥି ସହିତ ଆଦର୍ଶ ଅନୁବାଦର କିଛି ନମୁନା ମାଧ୍ୟମରେ ଏହାର ଯଥାର୍ଥତା ପରୀକ୍ଷା କରିବାକୁ ସମର୍ଥ ହୋଇପାରିବ।

### ୩.୨ ଅନୁବାଦ ପ୍ରକ୍ରିୟା କୌଶଳ :-

ଅନୁବାଦକ ଅନୁବାଦ କିପରି କରିବେ ବା କେଉଁ ପ୍ରକ୍ରିୟା ଦେଇ ଅନୁବାଦ କରିବେ,ତାହା ଏକ ଗୁରୁତ୍ୱ ପୂର୍ଣ୍ଣ ବିଷୟ ଅଟେ। ଅନୁବାଦ କଲାବେଳେ ଅନୁବାଦକଙ୍କୁ ମୁଖ୍ୟତଃ ପାଂଚଟି ସୋପାନ ଦେଇ ଗତି କରିବାକୁ ପଡିଥାଏ। ଗୋଟିଏ ସଫଳ ଅନୁବାଦ ଏହି ୫ଟି ସୋପାନ ଦ୍ୱାରା ସୁନିଶ୍ଚିତ ସ୍ୱୀକୃତ ହେବାକୁ ବାଧ୍ୟ ନହେଲେ ଅନୁବାଦ କଦାପି ସଫଳ ହୋଇ ପାରିବନାହିଁ। ଏହି ୫ଟି ସୋପାନ ହେଲା। (୧) ପାଠପଠନ ବା ଅନୁଧ୍ୟାନଶୀଳତା (୨) ପାଠ ବିଶ୍ଳେଷଣ ବା ଅନୁଶୀଳନ (୩) ଭାଷାନ୍ତରଣ ବା ଲିପ୍ୟନ୍ତର (୪) ସମାଯୋଜନ (୫) ତୁଳନା।

### ୩.୨.୧ ପାଠ ପଠନ :-

ଅନୁବାଦକ ପ୍ରଥମରେ ଚୟନ କରିଥିବା ମୂଳପାଠକୁ ଗଭୀର ଧ୍ୟାନ ପୂର୍ବକ ପାଠକରିଥାନ୍ତି। ଏତିକି ବେଳେ ଅନୁବାଦକ ଜଣେ ସାଧାରଣ ପାଠକ ନହୋଇ ଜଣେ ଗଭୀର ଜ୍ଞାନ ପିପାସୁ ଭୂମିକାରେ ରହିବା ଆବଶ୍ୟକ। ଅନୁବାଦକ ଅନୁଭବ ଯଦି କରନ୍ତି ଚୟନ କରାଯାଇଥିବା ପାଠଟିର ଭାଷିକ ଅର୍ଥ କିମ୍ବା ବ୍ୟାବହାରିକ ଅର୍ଥ କଠିନ ତେବେ ସେ ସେହି ଭାଷାରେ ପ୍ରବୀଣ ବ୍ୟକ୍ତି କିମ୍ବା ଗ୍ରନ୍ଥର ସାହାଯ୍ୟ ନେଇ ପାରନ୍ତି। ସେହି ପାଠକୁ ଯଥେଷ୍ଟ ପଢିସାରି ତାର ଅର୍ଥକୁ ନିର୍ଦ୍ଧାରଣ କରିବା ନିମନ୍ତେ ଦେଶ,କାଳ ଲିଙ୍ଗ,ବଚନ,ପ୍ରସଙ୍ଗ,ଉଦ୍ଦେଶ୍ୟ,ଆଦିକୁ ବୁଝିବାକୁ ପଡିଥାଏ। ଏହାକୁ ପାଠନ ବୋଲି କହିବା। ତାପରେ ଯଥାଯଥ ଭାବରେ ତାକୁ ସେ ଆତ୍ମସ୍ଥ କରି ଅନୁବାଦ କାର୍ଯ୍ୟରେ ଅଗ୍ରସର ହେବାକୁ ପଡିଥାଏ।

## ୩.୨.୨ ପାଠ ବିଶ୍ଳେଷଣ :-

ଦ୍ୱିତୀୟ ସୋପାନରେ ଅନୁବାଦକକୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯଥା ପାଠବିଶ୍ଳେଷଣ କରିବାକୁ ପଡିଥାଏ। ଏହି ବିଶ୍ଳେଷଣ ହିଁ ଅନୁବାଦକଙ୍କ ସ୍ୱାଧୀନ ଚିନ୍ତା ଉପରେ ନିର୍ଭର କରିଥାଏ। ସ୍ରଷ୍ଟାଙ୍କ ଅଭିବ୍ୟକ୍ତି ଅନୁବାଦକ ବୁଝି ସାରିଥିବା ହେତୁ ନିଜସ୍ୱ ଢଙ୍ଗରେ ସେ ତାକୁ ବିଶ୍ଳେଷିତକରି ଅନୁବାଦ କରନ୍ତି। ଗୋଟିଏ ବାକ୍ୟକୁ ସେ ଗୋଟିଏ (Unit) ବା ଗୋଟିଏ (Paragraph) କୁ ଗୋଟିଏ (Unit) କିମ୍ବା ଗୋଟିଏ ଶବ୍ଦକୁ ମଧ୍ୟ ଗୋଟିଏ ଏକକ ଭାବରେ ଗ୍ରହଣ କରିପାରନ୍ତି। ଆବଶ୍ୟକତା ତଥା ସୁବିଧା ଦୃଷ୍ଟିରୁ ସେ ଏହାକୁ ବିଶ୍ଳେଷଣ କରିଥାନ୍ତି।

## ୩.୨.୩ ଭାଷାନ୍ତର :-

ତୃତୀୟ ସୋପାନରେ ଅନୁବାଦକ ଭାଷାର ସହଜ ଅଭିବ୍ୟକ୍ତତାକୁ ବଜାଇ ରଖି ନିଜ ଇଚ୍ଛାନୁସାରେ ଭାଷାନ୍ତର କରିଥାନ୍ତି। ବାକ୍ୟକୁ ବାକ୍ୟ କିମ୍ବା ଶବ୍ଦକୁ ଶବ୍ଦ କିମ୍ବା ରଢ଼ିକୁ ରଢ଼ି ସମାନ ଭାବରେ ଥିବା (T.L) ରେ ଭାଷାର ବିଭବ କୁ ଚୟନ କରି ସଂଯୋଜନା କରିବାକୁ ପଡିଥାଏ। ଅନୁବାଦକ ଏସବୁ କାର୍ଯ୍ୟ କଲା ବେଳେ ବହୁ ସାବଧାନତା ଅବଲମ୍ବନ କରିଥାନ୍ତି। ଲକ୍ଷ୍ୟ ଭାଷାର ବାକ୍ୟ ଓ ଉପବାକ୍ୟ କିମ୍ବା ଖଣ୍ଡବାକ୍ୟ ମଧ୍ୟରେ ଯଦି ପ୍ରଭେଦକୁ ସେ ଜାଣି ନପାରିବେ ତେବେ ଅନୁବାଦ ବିକୃତ ହୋଇଯାଇପାରେ। ସୁତରାଂ ତୃତୀୟ ପର୍ଯ୍ୟୟରେ ସେ ବେଶ୍ ସାବଧାନ ରହିଥାନ୍ତି।

## ୩.୨.୪ ସମାଯୋଜନ :-

ଚତୁର୍ଥ ପର୍ଯ୍ୟାୟରେ ଅନୁବାଦକ ପାଠ ମଧ୍ୟରେ ଲକ୍ଷ୍ୟ ଭାଷାର ଦୃଷ୍ଟି କୋଣରୁ ସମାଯୋଜନ ପୂର୍ବକ ଅନୁବାଦ କ୍ରିୟା ସମ୍ପାଦନ କରିଥାନ୍ତି। ଏହି ସମୟରେ ତାଙ୍କୁ ମୁଖ୍ୟତଃ ୨ଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ଯଥା – (୧) ଭାଷାର ସହଜ ପ୍ରବାହ ରହୁ ,ଯାହା ଦ୍ୱାରା ପାଠକ ମାନେ ଏହାକୁ ଅନୁବାଦ ବୋଲି ନ ଭାବନ୍ତୁ। ଭାଷାର ସ୍ୱାଭାବିକତା ଅନୁବାଦକୁ ସଫଳ କରାଇଥାଏ। ତେଣୁ ଅନୁବାଦକ ଏହି ସ୍ୱାଭାବିକତାକୁ ରକ୍ଷା କରିବାକୁ ଚେଷ୍ଟା କରିଥାନ୍ତି। (୨) ସ୍ରୋତ ଭାଷାର ଛାପ ଯେପରି ଅନୁବାଦ କାର୍ଯ୍ୟରେ ନରହେ। ଯଥା ଇଂରାଜୀରେ ଗୋଟିଏ ବାକ୍ୟ । ‘I have taken a cup of milk ’ ଯଦି ଓଡିଆରେ ଆମେ ଅନୁବାଦ କରିବା ଯେ - “ମୁଁ ଗୋଟିଏ କପ୍ କ୍ଷୀର ନେଇଛି” ତେବେ ଉତ୍ସ ଭାଷା ଠାରୁ ମୁକ୍ତ ବୋଲି ଜଣା ପଡିବ ନାହିଁ। ତେଣୁ ସେଠାରେ ଯଥାର୍ଥ ଅର୍ଥ ଭାବରେ “ମୁଁ ଗୋଟିଏ କପ୍ କ୍ଷୀର ପିଇଛି”। କଲେ ଠିକ୍ ହେବ। ଏହାର ମୂଳ ଉଦ୍ଦେଶ୍ୟ ହେଲା ସ୍ରୋତ ଭାଷାରେ ବକ୍ତବ୍ୟ କିପରି ଲକ୍ଷ୍ୟ ଭାଷାରେ ସ୍ପଷ୍ଟ ଅର୍ଥ ପ୍ରତୀତ କରୁ।

## ୩.୨.୫ ମୂଳ ସହିତ ତୁଳନା :-

ଚତୁର୍ଥ ସ୍ତରରେ ଅନୁବାଦକଙ୍କୁ ମୂଳ କୃତି ସହିତ ଅନୁବାଦିତ ସୃଷ୍ଟିକୁ ତୁଳନା କରିବାକୁ ହେବ। ଅନୁବାଦକ ଏକଥା ବିଚାର କରିବା ଉଚିତ୍ ଯେ ମୂଳକୃତିର ବକ୍ତବ୍ୟ ଅନୁବାଦିତ କୃତିରେ ଅତିକଥନ କିମ୍ବା ଅଳ୍ପ କଥନ ଦ୍ୱାରା ଯେପରି ଦୋଷଯୁକ୍ତ ହୋଇନଥିବ ଏବଂ ଅର୍ଥ ସଙ୍କୋଚନ କିମ୍ବା ଅର୍ଥ ବିସ୍ତାର ଦୋଷ ଯୁକ୍ତ ମଧ୍ୟ ହୋଇ ନଥିବ। ସାହିତ୍ୟିକ କଳାତ୍ମକ ଦିଗ ମଧ୍ୟ ତଦନୁରୂପେ ଯଥାର୍ଥ ହୋଇଥିବ।

ଅନୁବାଦ କଲାବେଳେ ସାଧାରଣତଃ ଅନୁବାଦକଙ୍କୁ ଏହି ପାଂଚଟି ସୋପାନ, ପର୍ଯ୍ୟାୟ ବା ପ୍ରକ୍ରିୟା ମଧ୍ୟ ଦେଇ ଅନୁବାଦ କର୍ମ କରିବାକୁ ପଡିଥାଏ। ତେବେ ଯାଇ ଅନୁବାଦିତ ଗ୍ରନ୍ଥ ସାର୍ଥକ ଅନୁବାଦ ଭାବରେ ପରିଗଣିତ ହୋଇପାରିବ।

### ୩.୨.୬ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

୧. ଅନୁବାଦ କଲାବେଳେ ଅନୁବାଦକ ମୁଖ୍ୟତଃ କେଉଁ କେଉଁ ସୋପନ ଦେଇ ଗତିକରିଥାନ୍ତି ?

___

___

୨. ପାଠ ପଠନର ଆବଶ୍ୟକତା କାହିଁକି ରହିଛି ?

___

___

୩. ପାଠ ବିଶ୍ଳେଷଣ କ'ଣ ?

___

___

୪. ସମାଯୋଜନ ପ୍ରକ୍ରିୟାରେ ଅନୁବାଦକ ମୁଖ୍ୟତଃ କେଉଁ ଦିଗ ପ୍ରତିଧ୍ୟାନ ଦେଇଥାନ୍ତି ?

___

___

୫.ତୁଳନା ଦ୍ୱାରା ଅନୁବାଦକ କ'ଣ ଜାଣିପାରନ୍ତି ?

___

___

## ୩.୨.୭ ଆମେ କ'ଣ ଜାଣିଲେ :-

- ଅନୁବାଦ କଲାବେଳେ ମୁଖ୍ୟତଃ ୫ଟି ପ୍ରକ୍ରିୟା ବା ସୋପାନ ଦେଇ ଅନୁବାଦକଙ୍କ ଗତିକରିବାକୁ ପଡିଥାଏ।

୧- ପାଠ ପଠନ

୨- ପାଠ ବିଶ୍ଳେଷଣ

୩- ଭାଷାନ୍ତରଣ

୪- ସମାଯୋଜନ

୫- ତୁଳନା

➢ ପାଠ ପଠନର ଅର୍ଥ ଗଭୀର ଅନୁଧ୍ୟାନଶୀଳତା ଅନୁବାଦକ ପ୍ରଥମେ ମୂଳଗ୍ରନ୍ଥ (S.L) କୁ ଗଭୀର ଭାବେ ଅଧ୍ୟୟନ ଦ୍ୱାରା ଅନୁଧ୍ୟାନ କରିବେ।

➢ ପାଠ ବିଶ୍ଳେଷଣ ଦ୍ୱାରା ଅନୁବାଦକ ନିଜସ୍ୱ ଢଙ୍ଗରେ କିପରି ଅନୁବାଦ କରିପାରିବେ ସେହି ବିଶ୍ଳେଷଣ କରିଥାନ୍ତି। ମୂଳଗ୍ରନ୍ଥରେ ଅନେକ ଭାବାଭିବ୍ୟକ୍ତି କୁ ଏକ ସଙ୍ଗେ ଅନୁବାଦ ନକରି କିପରି ସରଳ ଓ ସହଜ ଢଙ୍ଗରେ ମୂଳ ବକ୍ତବ୍ୟକୁ ଅକ୍ଷୁଣ୍ଣ ରଖି ପାରିବେ ତାହାହିଁ ଦେଖନ୍ତି।

## ୩.୩ ଅନୁବାଦ କୌଶଳ :-

ଅନୁବାଦର ପ୍ରୟୋଗ କୌଶଳ ବିଷୟରେ ଜାଣିବା ଅନୁବାଦ ବିଦ୍ୟାର ଛାତ୍ର ଓ ଅନୁବାଦକ ମାନଙ୍କ ପାଇଁ ଏକ ଆବଶ୍ୟକୀୟ ବିଷୟ । ଉତ୍ସ ଭାଷା (S.L) ର ଭାବକୁ ଉଦ୍ଦିଷ୍ଟ ଭାଷାରେ (T.L) ଭାଷାନ୍ତର କରିବାକୁ ହିଁ ଆମେ ମୁଖ୍ୟତଃ ଅନୁବାଦ ବୋଲି ଜାଣୁ। ଏଥି ପାଇଁ ଉତ୍ସ ଭାଷା (S.L) ରେ ବ୍ୟବହୃତ ଶବ୍ଦର ସମାର୍ଥବୋଧକ ଶବ୍ଦ ଉଦ୍ଦିଷ୍ଟ ଭାଷା (T.L)ରେ ସ୍ଥିର କରିବାକୁ ପଡିଥାଏ। ଏଥିରେ ଅନୁବାଦକ ପାଇଁ ସାଂସ୍କୃତିକ ବିବିଧତା ଓ ଭାଷାରେ ବ୍ୟବହୃତ ବିଶେଷ ପ୍ରୟୋଗ ଯଥା – ରୂଢି,ପ୍ରବଚନ, ଲୋକବାଣୀ, ଇତ୍ୟାଦିର ନିର୍ଦ୍ଦିଷ୍ଟ ଅର୍ଥକୁ ବୁଝାଇବା ପାଇଁ ସଚେତନ ପ୍ରୟାସର ପ୍ରୟୋଜନ ଥାଏ।

ଅନୁବାଦ କଲା ବେଳେ ଆମେ ଉତ୍ସଭାଷାର ବ୍ୟାକରଣ ଶୈଳୀ, ଛନ୍ଦ ଓ ଧ୍ୱନି ସମୂହକୁ ପ୍ରାୟତଃ ଅନୁବାଦ କରିନଥାଉ । ତାହେଲେ ଅନୁବାଦକ ମୂଳତଃ କ'ଣ ଅନୁବାଦ କରିଥାଏ? ସର୍ବଦା ଅନୁବାଦକ ମୁଖ୍ୟତଃ ଅର୍ଥକୁ ହିଁ ଅନୁବାଦ କରିଥାଏ। ଏହି ଅର୍ଥର ସ୍ୱରୂପଟି କ'ଣ ? ସହଜରେ ଏହା ବ୍ୟାଖ୍ୟା କରିବା ସମ୍ଭବ ନୁହେଁ। ସାଧାରଣ ଭାବରେ ଏହାର ଏକ ସହଜ ଉତ୍ତର ହେଇପାରେ ଯେ "ଅର୍ଥ ହେଉଛି ଭାଷାର ବିଭିନ୍ନ ଉପାଦାନ ସାହାଯ୍ୟରେ ସୃଷ୍ଟି କରାଯାଇଥିବା ଏକ ଜଟିଳ ସୂକ୍ଷ୍ମ ସତ୍ତା"। ଏଥିରେ ସ୍ୱାଭାବିକ ଭାବେ ସେହି ଭାଷାର ଶବ୍ଦ ସମ୍ଭାର ,ବ୍ୟାକରଣ ,ଧ୍ୱନ୍ୟାତ୍ମକତା, ଶୈଳୀ ଓ ଆବେଦନ ପ୍ରଭୃତି ଅନିବାର୍ଯ୍ୟ ଅଙ୍ଗ ସବୁ ସମାଶ୍ରିତ ଯୋଗରୂଢ ଅବସ୍ଥାରେ ଥାଏ। ଏହିପରି ଭାବରେ ଭାଷାର ବିଭିନ୍ନ ଉପାଦାନର ସମୀକରଣ ମଧ୍ୟରୁ ପରିବେଶ ଓ ଭାବାଭିବ୍ୟକ୍ତି ଅନୁଯାୟୀ ଅର୍ଥ ପ୍ରତୀତ ହୁଏ। ଅନୁବାଦ କଲାବେଳେ ଉତ୍ସ ଭାଷା (S.L) ର ଏହିସବୁ ପ୍ରକ୍ରିୟା ଅନୁବାଦକକୁ ପ୍ରଭାବିତ କରେ ଓ ସେ ସେସବୁ କିପରି ନିଜର ଉଦ୍ଦିଷ୍ଟ ଭାଷା (T.L)ରେ ଅନୁବାଦ କରି ପାରିବ ସେଥିନିମନ୍ତେ ନିଜର ବୌଦ୍ଧିକ ଜିଜ୍ଞାସା ଓ ଭାଷାଗତ ସାମର୍ଥ୍ୟ

ଅନୁଯାୟୀ ଉଦ୍ୟମ ଜାରିରଖିଥାଏ। ଅନୁବାଦକ ସର୍ବଦା ଉତ୍ସ ଭାଷା ଭାବରେ (S.L) ର ବାକ୍ୟବନ୍ଧ ,ରଚନାରୀତି ଓ ପ୍ରକାଶ ଶୈଳୀକୁ ଦେଖି ଚିନ୍ତା କରୁଥାଏ କିପରି ଭାଷାଗତ ଉପାଦାନ ସବୁ ସମ୍ମିଳିତ ହୋଇ ଅର୍ଥ ଉତ୍ପାଦନ ସମ୍ଭବ ହୋଇଛି। ଲେଖକର ଚେତନାକୁ ପ୍ରତିଫଳିତ କରୁଛି ଓ ପାଠକ ମାନଙ୍କୁ ପ୍ରଭାବିତ କରୁଛି ସେଥିରୁ ଜନ୍ମ ନେଇଥିବା ମୁଖ୍ୟ ବିଭାବଟି ହେଉଛି 'ଅର୍ଥ' ତାହା କିପରି ସେ ଉଦ୍ଦିଷ୍ଟ ଭାଷାରେ (T.L) ରେ ଅନୁବାଦ କରିପାରିବ ଏ ଦିଗରେ ସତର୍କତାର ସହିତ ଧ୍ୟାନ ରଖିଥାଏ। ଅର୍ଥକୁ ଅନୁବାଦ କଲାବେଳେ ତାହା ଯେ 'ନିସଙ୍ଗ' ବା ସ୍ୱୟଂ ସମ୍ପୂର୍ଣ୍ଣ ନୁହେଁ ତାହା ସେହି ଭାଷାର ଧ୍ୱନି ସମ୍ଭାର, ଶବ୍ଦଭଣ୍ଡାର, ବ୍ୟାକରଣ ଆଦିର ପାରସ୍ପରିକ ସହଯୋଗର ଫଳ ଏକଥା ମନେ ରଖିବାକୁ ପଡିଥାଏ।

ଉପରୋକ୍ତ ବିଷୟକୁ ଧ୍ୟାନରେ ରଖି ଅନୁବାଦ କାର୍ଯ୍ୟ କରିବା ବେଳେ ମୁଖ୍ୟତଃ ଦୁଇଟି ବିଷୟ ପ୍ରତି ଧ୍ୟାନ ଦିଆଯିବା ଉଚିତ୍। ପ୍ରଥମଟି ଅନୁବାଦ ପ୍ରଣାଳୀ (Translation Process) ଓ ଦ୍ୱିତୀୟଟି ଅନୁବାଦ ପଦ୍ଧତି (Translation Methed) ଏ ଦୁଇଟି ଅନୁବାଦ କାର୍ଯ୍ୟକୁ ହିଁ ସୂଚାରୁ ଭାବେ ପରିଚାଳିତ କରିଥାଏ। ଶବ୍ଦକୁ ଶବ୍ଦ ,ପଦକୁ ପଦ, ବାକ୍ୟକୁ ବାକ୍ୟ, ପରିଚ୍ଛେଦକୁ ପରିଚ୍ଛେଦ ବା ଅଧ୍ୟାକୁ ଅଧ୍ୟାୟ ଅନୁବାଦ ନକରି ଗୋଟିଏ ନିର୍ଦ୍ଦିଷ୍ଟ ଏକକ (Unit)କୁ ଅନୁବାଦ କରିଯିବା ଉଚିତ୍। କାରଣ ଗୋଟିଏ ଏକକ (Unit) ସ୍ୱୟଂ ସଂପୂର୍ଣ୍ଣ ଏବଂ ଏହାର ଅର୍ଥ ପ୍ରକରଣ ସମ୍ଭବ ହୋଇଥାଏ। ଏଠାରେ ଏ ସମ୍ପର୍କରେ ଗୋଟିଏ ଉଦାହରଣ ଦେଲେ ଠିକ୍ ଭାବରେ ବୁଝାପଡିବ। ଯଦି ଆମେ ଗୋଟିଏ ଇଂରାଜୀ ବାକ୍ୟକୁ ଓଡିଆରେ ଅନୁବାଦ କରିବାକୁ ଯିବା ତେବେ ଏ କଥା ବେଶ୍ ସ୍ପଷ୍ଟ ହୋଇପାରିବ। ଯଥା – The man who paid me visit last week when I was away ,was an old friend of mine. ଏହି ଇଂରାଜୀ ବାକ୍ୟଟିକୁ ଓଡିଆରେ ଅନୁବାଦ କରିବାକୁ ଗଲାବେଳେ ଏଥିରେ ଥିବା ଏକକ ଗୁଡିକୁ ଅଲଗା କରି କର୍ତ୍ତା ଓ କ୍ରିୟାକୁ ଧରିଅନୁବାଦ କରିବାକୁ ପଡିବ। ପ୍ରଥମରୁ ଶବ୍ଦକୁ ଶବ୍ଦ ଅନୁବାଦ ନକରି ଇଂରାଜୀ ବାକ୍ୟର ଶେଷ ଏକକ "an old friend of mine (ମୋର ଜଣେ ପୁରୁଣା ବନ୍ଧୁ) ଙ୍କୁ ପ୍ରଥମକୁ ଆଣିବାକୁ ପଡିବ। ଏହିଭଳି ଏକକ ଗୁଡିକୁ ଜାଣି ଅନୁବାଦ କରାଗଲେ ଅନୁବାଦ ସଫଳ ଓ ସାର୍ଥକ ହୋଇ ପାରିବ।

ଅନୁବାଦର ପଦ୍ଧତି ବିଷୟରେ ବିଭିନ୍ନ ଆଲୋଚକ ବହୁ ପଦ୍ଧତିର ଉଲ୍ଲେଖ କରିଛନ୍ତି। ସେ ଗୁଡିକ ମଧ୍ୟରୁ କେତୋଟି ପ୍ରଧାନ ପଦ୍ଧତି ହେଉଛି – (୧) ଶବ୍ଦାନୁବାଦ ବନାମ ମୁକ୍ତାନୁବାଦ (୨) ବ୍ୟାଖ୍ୟାନୁବାଦ (୩) ଔପଚାରିକ ଅନୁବାଦ ବନାମ୍ ପ୍ରାୟୋଗିକ ଅନୁବାଦ (୪) ସୃଜନଶୀଳ ଅନୁବାଦ ବନାମ୍ ଯାନ୍ତ୍ରାନୁବାଦ। ଏହି ସବୁ ପଦ୍ଧତି ଗୁଡିକ ମଧ୍ୟରୁ ଅନୁବାଦକ କେଉଁ ପଦ୍ଧତିକୁ ଅନୁସରଣ କରିବେ ତାହା ତାଙ୍କ ନିଜସ୍ୱ ଅଟେ। ଅନୁବାଦକ ନିଜସ୍ୱ ପ୍ରଜ୍ଞାଦୀପ୍ତ ଚେତନାରେ

ମୂଳକୃତିର ଭାବଭିବ୍ୟକ୍ତିକୁ ଲକ୍ଷ୍ୟଭାଷା (T.L)ରେ ପହଞ୍ଚାଇ ପାରିଲେ ଅନୁବାଦ ସଫଳ ଓ ସାର୍ଥକ ହୋଇପାରିବ। ଏଠାରେ କୋଡେଟି ଆଦର୍ଶ ଅନୁବାଦର ନମୁନା ପ୍ରଦତ୍ତ ହେଲା। ଛାତ୍ର ଛାତ୍ରୀ ମାନେ ସାବଧାନର ସହିତ ଏହାକୁ ପଢି ବୁଝି କୌଶଳ ଶିଖି ତା'ପରେ ଦିଆଯାଇଥିବା ଅନୁଶୀଳନୀକୁ ଓଡିଆରେ ଅନୁବାଦ କରନ୍ତୁ।

## ୩.୩.୧ ଆଦର୍ଶ ଅନୁବାଦର ନମୁନା :-

ଆପଣମାନେ ଏହି ଅନୁବାଦକୁ ଭଲ ଭାବରେ ଲକ୍ଷ୍ୟ କରନ୍ତୁ କିପରି ଅନୁବାଦ ହୋଇଛି ଏବଂ ଅଭ୍ୟାସ ନିମନ୍ତେ ପ୍ରସ୍ତୁତ ହୁଅନ୍ତୁ।

(କ) One of the pleasantest things in the world is going a journey ,but I like to go by myself.I can enjoy society in a room; but out of doors , Nature is company enough for me. I cannot see that wit of walking and talking at the same time.When I am in the country,I am not for criticizing hedge-rows and block cattleI go out of town in order to forget the town and all that is in it. I like solitude .I give myself upto it for the sake of solitude.Give me the clear blue sky over my head, and the green turf beneath my feet,a winding road before me,and three hours march to dinner.

ଭ୍ରମଣ ସଂସାରରେ ଗୋଟିଏ ବଡ ସୁଖର କଥା ; କିନ୍ତୁ ମୁଁ ଏକୁଟିଆ ବୁଲିବାକୁ ସୁଖ ପାଏ। ଘର ଭିତରେ ଥିଲା ବେଳେ ମୁଁ ସାଙ୍ଗ ସୁଖ ଉପଭୋଗ କରିପାରେ ; କିନ୍ତୁ ବାହାରେ ପ୍ରକୃତି ମୋର ଯଥେଷ୍ଟ ସଙ୍ଗୀ। ଏକ ସମୟରେ ବୁଲିବା ଓ ଆଳାପ କରିବା – ଏଥିରେ ବୁଦ୍ଧି ବିଚକ୍ଷଣତା ମୁଁ ଦେଖିପାରେ ନାହିଁ। ମୁଁ ଯେତେବେଳେ ମଫସଲକୁ ଯାଏ ,ସେତେବେଳେ ବାଡବୁଦା ଗାଈଗୋରୁଙ୍କୁ ସମାଲୋଚନା କରିବାକୁ ଯାଇନଥାଏ ; ମୁଁ ସହରରୁ ବାହାରକୁ ଯାଇଥାଏ- ସହର ଓ ତତ୍‌ସମ୍ପର୍କୀୟ ସମସ୍ତବସ୍ତୁ ବିସ୍ମୃତ ହେବା ପାଇଁ। ମୁଁ ବିଜନତାକୁ ସୁଖ ପାଏ, ତହିଁରେ ତନ୍ମୟ ହୁଏ। ମସ୍ତକ ଉପରେ ସୁବିମଳ ନୀଳ ଆକାଶ, ପାଦତଳେ ସୁଶ୍ୟାମଳ ତୃଣରାଜି,ସମ୍ମୁଖରେ ଚାରୁ କୁଟିଳ ଭ୍ରମଣ ପଥ,ଖାଇବା ପୂର୍ବରୁ ବୁଲିବା ପାଇଁ ୩ ଘଣ୍ଟା ସମୟ – ବାସ୍, ମୋତେ ଏତିକି ମିଳୁ ଯଥେଷ୍ଟ।

(ଖ) There once lived a contented cobbler who passed his time working and singing from morning till night. A neighbour of his ,a wealthy banker ,said to him one day,"How much a year do you earn my good friend ?" The cobbler, laughing , replied, "How much a year sir ! I never

reckon in that way,living as I do from hand to mouth.But somehow each day brings its meal and I am happy." The banker then said,I have resolved to place you above the fear of want.Take these hundred crowns,Preserve them carefully and use them in time of need.The cobbler who had never seen so much money at one time in his life before,hurried home,and buried his treasure in the earth for safety; but,alas ! he buried his happiness with it too. There was now no more singing ; his mirth fled the moment he acquired his riches for he was continually haunted by the fear of loseing them.

ଗୋଟିଏ ମୋଚି ଥିଲା। ସେ ସବୁବେଳେ ପରିତୃପ୍ତ। ସକାଳୁ ସନ୍ଧ୍ୟାଯାଏ ଗୀତ ଗାଇ ଗାଇ କାମ କରି କାଳ କାଟିଦିଏ। ଦିନେ ତାର ପଡୋଶୀ ଜଣେ ଧନୀ ମହାଜନ ତାକୁ ପଚାରିଲା, "ଭାଇ, ବର୍ଷକରେ ତୁ କେତେ ଆୟ କରୁଛୁ?" ମୋଚି ହସି ହସି କହିଲା ,"ବର୍ଷକୁ କେତେ ପଚାରୁଛ ବାବୁ ! ମୋର ଦାଣ୍ଡରୁ ଆସେ ହାଣ୍ଡିରେ ପଶେ; ମୁଁ ତ କେବେ ସେପରି ହିସାବ ରଖେ ନାହିଁ। ତେବେ ପ୍ରତିଦିନ କୌଣସିମତେ ଖାଇବା ମୁଠାକ ଜୁଟିଯାଏ, ସେଇ ମୋର ଆନନ୍ଦ।" ତା ପରେ ମହାଜନ କହିଲା ,ତୋତେ ଅଭାବଚିନ୍ତା ଏଣିକି ଯେପରି ନଲାଗିବ,ମୁଁ ତତେ ସେପରି ରଖିବି ବୋଲି ସ୍ଥିର କରିଛି। ଏ ଶହେଟି ମୋହର ନେ, ହୁସିୟାରିରେ ରଖିବୁ, ଦରକାର ପଡିଲେ ଖର୍ଚ୍ଚ କରିବୁ। ମୋଚିତ ତା ଜୀବନରେ ଏତେ ଧନ ଏକାବେଳେକେ ଦେଖି ନଥିଲା – ସେ ସେହିକ୍ଷଣି ଘରକୁ ଧାଇଁ ଯାଇ ସମ୍ପଦତକ ମାଟି ତଳେ ପୋତି ନିରାପଦରେ ରଖିଦେଲା। କିନ୍ତୁ କ୍ଷୋଭର କଥା ,ତା ସଙ୍ଗେ ସଙ୍ଗେ ମଧ୍ୟ ତାର ସୁଖଶାନ୍ତି ପୋତି ପକାଇଲା। ଧନ ହାତକୁ ଆସିବା ମୁହୂର୍ତ୍ତରୁ ଆଉ ତାର ସେ ଗୀତ ନାହିଁ। ମନର ସରସତା ବି କୁଆଡେ ଚାଲିଗଲା କିଏ ନେଇଯିବ ପରା! ଏହି ଭୟରେ ସେ ସବୁବେଳେ ଘାଣ୍ଟି ହେଲା।

(ଗ) Plato has movingly described the final scene.A group of his friends came to see Socrates on his last day.They found him in his cell,just freed from his bonds with his wife and his youngest son. She was weeping. 'Socrates,'' she cried ,"your friends will now talk with you for the last time,and you with them." But Socrates looked towards Crito and said "Crito, let someone take her home."After she had been gently led away,the condemned man sat up in bed,rubbed his leg where the chains had been and began to discourse calmly on the relationship between

pleasure and pain. Son they sat round and talked of life ,of death and of man's immortal soul. Late in the after noon,Socrates left them,and went to bathe.When he returned ,it was almost sunset ,the hour of exeoution.

ପ୍ଲେଟୋ ବଡ ହୃଦୟସ୍ପର୍ଶୀ ଭାଷାରେ ସେ ଅନ୍ତିମ ଦୃଶ୍ୟ ବର୍ଣ୍ଣନା କରିଅଛନ୍ତି। ସକ୍ରେଟିସଙ୍କର ଶେଷଦିନ ତାଙ୍କର ଦଳେ ବନ୍ଧୁ ତାଙ୍କୁ ଦେଖିବାକୁ ଆସିଥିଲେ। ସେମାନେ ଦେଖିଲେ, ବନ୍ଦିଶାଳାର ତାଙ୍କ କୋଠରୀରେ ସେ ବସିଛନ୍ତି। ସେଇଲାଗେ ତାଙ୍କର ବନ୍ଧନ ଫିଟାଇ ଦିଆଯାଇଛି। ପାଖରେ ସାନପୁଅ ଓ କ୍ରନ୍ଦନନିରତା ପତ୍ନୀ। ସ୍ତ୍ରୀ ତାଙ୍କର କହିଲେ, 'ଏଇ ତୁମର ବନ୍ଧୁମାନେ ଆଳାପ କରିବାକୁ ଆସିଛନ୍ତି। ଏ ତୁମର ତାଙ୍କ ସଙ୍ଗେ,ତାଙ୍କର ତୁମ ସଙ୍ଗେ ଶେଷ ଆଳାପ।" କିନ୍ତୁ ସକ୍ରେଟିସ କ୍ରିଟୋଙ୍କ ଆଡକୁ ଚାହିଁ କହିଲେ,"କ୍ରିଟୋ କେହି ଜଣେ ଏହାକୁ (ସ୍ତ୍ରୀଙ୍କୁ) ଏଠାରୁ ଘରକୁ ନେଇଯାଅ ତ।" ତାଙ୍କୁ ଧୀର ଭାବରେ ସେଠାରୁ ନିଆଗଲା ପରେ ଅଭିଯୁକ୍ତ ସକ୍ରେଟିସ ବିଛଣାରେ ବସି ଗୋଡରେ ଯେଉଁଠି କଡି ଲାଗିଥିଲା, ସେ ସ୍ଥାନକୁ ଘଷି ଘଷି ସୁଖ ଦୁଃଖର ସମ୍ପର୍କ ସମ୍ବନ୍ଧରେ ଅବିଚଳିତ ଭାବରେ ଆଲୋଚନା ଆରମ୍ଭ କରି ବସିଲେ। ସମସ୍ତେ ତାଙ୍କ ଚତୁର୍ଦ୍ଦିଗରେ ବସି ମନୁଷ୍ୟର ଜୀବନ ,ମୃତ୍ୟୁ ଏବଂ ଅବିନଶ୍ୱର ଆତ୍ମା ସମ୍ବନ୍ଧରେ ଆଲୋଚନା ଚଳାଇଲେ। ଅପରାହ୍ନରେ ବହୁତ ବିଳମ୍ବରେ ସକ୍ରେଟିସ ସେମାନଙ୍କୁ ତ୍ୟାଗ କରି ସ୍ନାନକୁ ଗଲେ। ଫେରିଲାବେଳକୁ ପ୍ରାୟ ସନ୍ଧ୍ୟା ,ମୃତ୍ୟୁଦଣ୍ଡର ସମୟ ଉପସ୍ଥିତ।

(ଘ) The strange star came nearer and the Earth began to be anxious lest it should run clean into her.When it had come within calling distance the Earth cried ,"Hollow ! What are you doing here on my road ? Who are you? Where do you come from? Where are you going to?"

"That's a good many questions all at one mouthful",said the star.

'Who are you? Asked the Earth again.

"I am only a little Comet'' said the star, 'but who are you?

I am the Earth, Now you know''.

' Indeed ,I don't answered the Comet. I am quite a stranger in this part of heavens .I have never been here before,and I have not been introduced to a single star.''

"The  you have come to the right quarter" , said the Earth .in a tone of importance ."I am not used to boasting ,but I do not mind saying that I am the most gifted of all of us.''

"I have been very fortunate" , said the Comet 'but be quick about telling me your tale. I have no time to stay dawdling here very long.''

ଅଦ୍ଭୁତ ତାରକାଟି ପାଖକୁ ଆସିଲା। କାଳେ ସେଟା ଦେହରେ ବାଡେଇ ହୋଇଯିବ ବୋଲି ପୃଥିବୀର ଭୟ ହେଲା। ଡାକ ଶୁଣିବା ଭଳି ବାଟକୁ ଆସିବାରୁ ପୃଥିବୀର ପାଟିକରି କହିଲା, "କିଏରେ! ମୋ ରାସ୍ତାରେ ତୁ କଅଣ କରୁଛୁ? ତୁ କିଏ ସେ? କେଉଁଠୁ ଆସିଛୁ? ଯାଉଛୁ କୁଆଡେ ?"

ତାରା କହିଲା ,ଏକାଥରକେ ବେଶ୍ ଗୋଛାଏ ପ୍ରଶ୍ନ କରିଛତ ?"

ପୃଥିବୀ ପୁଣି ପଚାରିଲା "ତୁ କିଏ ?"

ତାରା କହିଲା, "ମୁଁ ଗୋଟିଏ ସାମାନ୍ୟ ଧୂମକେତୁ। ତୁମେ କିଏ ?"

ମୁଁ ପରା ପୃଥିବୀ। ଏବେ ଚିହ୍ନିଲୁତ ?"

"ସତରେ ମୁଁ ଚିହ୍ନିପାରୁ ନାହିଁ। ଆକାଶର ଏ ଅଂଚଳରେ ମୁଁ ସମ୍ପୂର୍ଣ୍ଣ ଅପରିଚିତ। ଆଗରୁ କେବେ ଏଣିକି ଆସିନାହିଁ କି କୌଣସି ଗୋଟିଏ ତାରା ସଙ୍ଗେ ମୋର ପରିଚୟ ହୋଇନାହିଁ।"

ପୃଥିବୀ ବଡଲୋକ ଠାଣିରେ କହିଲା, ତାହାହେଲେ ତୁମ୍ଭେ ଠିକ୍ ଜାଗାକୁ ଆସିଛ। ବଡେଇ କରି କହିବା ମୋର ଅଭ୍ୟାସ ନୁହେଁ, କିନ୍ତୁ ଆମ ସମସ୍ତଙ୍କ ଭିତରେ ମୁଁ ସବୁଠାରୁ ଅଧିକ ଶକ୍ତିଶାଳୀ, ଏକଥା କହିବାକୁ ମୋର କୁଣ୍ଠା ନାହିଁ।"

ଧୂମ କେତୁ କହିଲା, "ତେବେ ତ ମୋର ବଡ ଭାଗ୍ୟ ; କିନ୍ତୁ ତୁମର ଯାହା କହିବା କଥା, ଚଞ୍ଚଳ କହିଯାଅ। ଏଠାରେ ରହି ଅଳସ ଗପ କରିବାକୁ ମୋର ବେଳ ନାହିଁ।"

ଅଭ୍ୟାସ  – ନିମ୍ନରେ ଦିଆଯାଇଥିବା ଇଂରାଜୀ ଅନୁଚ୍ଛେଦ ପାଠକରି ସାର୍ଥକ ଅନୁବାଦ କର।

1. The mystery of Napoleon's career was this that under all difficulties and discouragements he pressed on. It solves the problem of all heroes. It is the rule by which to weigh rightly all wonderful successes and triumphal marhes to fortune and genius .It should be the motto of all, old and young .High and low, fortunate and unfortunate so called.

Never despair, never be discouraged ; however stormy the heavens,however dark the way ; however great the difficulties, and repeated the failures ‘Press on !’

If these whom you have trusted have betra yed you ,do not be discouraged ,do not idly weep but ‘Press on !’ Learn to live within yourself –Let the foolishness of yesterday make you wise to-day,If another has been false to you ,do not increase the evil by being false to yourself. Do not say the world has lost its poetry and beauty ; it is not so,and even if so, make your own poetry and beauty –by a brave a true ,and above all, a religious life.

2. Timur was a king of most resolute mind and never drew back from accomplishing any task to which he had put his hand. He would encourage his followers at times of difficulty by relating a story of his earlier days ,Once he said, he entered a ruined building and remained there alone for some hours. To while away the time, he occupied himself in watching the efforts of an ant ,which was endeavouring to carry a grain of corn seemingly heavier than itself; to the top of a wall. He had the curiosity to count the number of attempts the litter creature made.Sixty –nine times the grain fell to the ground, but at the seventieth time the ant succeeded in carrying it to its destination .He was encouraged by this example, and never forgot the lesson in after years.

## ୩.୩.୨ ସମ୍ଭାବ୍ୟ ପ୍ରଶ୍ନାବଳୀ :-

(୧) ଅନୁବାଦ କହିଲେ କ'ଣ ବୁଝ। ଅନୁବାଦ କଳା ନା' ବିଜ୍ଞାନ ନା' କାରିଗରୀ ବୁଝାଇଲେଖ।

(୨) ସାମ୍ପ୍ରତିକ ସମାଜରେ ଅନୁବାଦ ର ସ୍ଥାନ ସ୍ୱତନ୍ତ୍ର କାହିଁକି ଦର୍ଶାଅ।

(୩) ତୁଳନାହିଁ ଅନୁବାଦ କର୍ମର ମୂଳ ଏହାର ସାର୍ଥକତା ପ୍ରତିପାଦନ କର।

(୪) ଅନୁବାଦର ପ୍ରକାର ଭେଦ ଦର୍ଶାଅ।

(୫) ଅନୁବାଦ ସାମ୍ପ୍ରତିକ କାଳର ମାନବ ସମାଜ ପ୍ରତି ଆର୍ଶିବାଦ କିପରି ବୁଝାଇ ଲେଖ।

(୬) ଅନୁବାଦ ଏକ ବିଶ୍ୱସ୍ତ ସୃଜନଶୀଳ କର୍ମ କିପରି ବୁଝାଇ ଲେଖ।

(୭) ଅନୁବାଦକ ଅନୁବାଦ କଲାବେଳେ କେଉଁ କେଉଁ ସମସ୍ୟାର ସମ୍ମୁଖୀନ ହୁଅନ୍ତି ବୁଝାଇ ଲେଖ।

# ପ୍ରଶ୍ନ ଭଣ୍ଡାର

## (ପାଠ୍ୟକ୍ରମ -୧)

୧) ବର୍ଣ୍ଣ କହିଲେ କ'ଣ ବୁଝ ? ଏହା କେତେ ପ୍ରକାରର ? ଉଦାହରଣ ସହ ବୁଝାଇ ଲେଖ ।

୨) ବର୍ଣ୍ଣମାନଙ୍କର ଯଦି ବିଭାଗୀକରଣ ହୁଏ, ତେବେ ମୁଖ୍ୟତଃ କେତୋଟି ବିଭାଗ କରାଯିବ ? ପ୍ରତି ବିଭାଗରୁ ଗୋଟିଏ ଲେଖାଏଁ ଉଦାହରଣ ଲେଖି ବୁଝାଇ ଦିଅ ।

୩) ଓଡିଆରେ ସ୍ୱରବର୍ଣ୍ଣ କାହାକୁ କୁହାଯାଏ ? ପାଞ୍ଚଟି ସ୍ୱରବର୍ଣ୍ଣର ଆଦ୍ୟ ବ୍ୟବହାର (Initial) ଉଦାହରଣ ଲେଖ ।

୪) ଦନ୍ତୌଷ୍ଠ୍ୟ ବର୍ଣ୍ଣ କ'ଣ ଉଦାହରଣ ଦେଇ ବୁଝାଅ । ଏହି ବର୍ଣ୍ଣକୁ ଆଦ୍ୟରେ ରଖି ପାଞ୍ଚଟି ଶବ୍ଦ ଲେଖ ।

୫) ସଂକ୍ଷେପରେ ସଦୃଷ୍ଟାନ୍ତ ବୁଝାଇଲେଖ –

କ) ଓଷ୍ଠ୍ୟ ବର୍ଣ୍ଣ

ଖ) ତାଲବ୍ୟ ବର୍ଣ୍ଣ

ଗ) କଣ୍ଠ୍ୟ ବର୍ଣ୍ଣ

୬) ମୌଳିକ ଓ ବ୍ୟୁତ୍ପାଦିତ ବା ବ୍ୟୁତ୍ପନ୍ନ ଶବ୍ଦ ମଧ୍ୟରେ ଥିବା ପାର୍ଥକ୍ୟ ,ବୁଝାଇଲେଖ । ଉଭୟରୁ ପାଞ୍ଚଟି ଲେଖାଏଁ ଉଦାହରଣ ଦିଅ ।

୭) ତତ୍ସମ ଶବ୍ଦ କହିଲେ କ'ଣ ବୁଝ ? ପାଞ୍ଚଟି ଉଦାହରଣ ଦିଅ ।

୮) ଆହୃତ ଶବ୍ଦ କହିଲେ କ'ଣ ବୁଝ ? ସଦୃଷ୍ଟାନ୍ତ ବୁଝାଇ ଦିଅ ।

୯) ବିଶେଷ୍ୟ କାହାକୁ କୁହାଯାଏ ? ବ୍ୟକ୍ତିବାଚକ ଓ ଜାତିବାଚକ ବିଶେଷ୍ୟ ମଧ୍ୟରେଥିବା ପାର୍ଥକ୍ୟ ,ସଦୃଷ୍ଟାନ୍ତ ଉଲ୍ଲେଖ କର ।

୧୦) ପ୍ରଥମ ପୁରୁଷ ,ଦ୍ୱିତୀୟ ପୁରୁଷ ଓ ତୃତୀୟ ପୁରୁଷ କ'ଣ ,ଉଦାହରଣ ସହ ବୁଝାଇଲେଖ ।

୧୧) କାରକର ସଂଜ୍ଞା ନିରୂପଣ କର । କର୍ତ୍ତାକାରକ ଓ କର୍ମକାରକ ଭିତରେ ଥିବା ପାର୍ଥକ୍ୟ ,ସଦୃଷ୍ଟାନ୍ତ ଆଲୋଚନା କର ।

୧୨) ବିଭକ୍ତି କଣ ? ଏହା କେତେ ପ୍ରକାରର । ପାଞ୍ଚଟି ବିଭକ୍ତିର ଏକବଚନ ଓ ବହୁବଚନ ଚିହ୍ନ ଉଲ୍ଲେଖ କର ।

୧୩) ସର୍ବନାମର ସଂଜ୍ଞା ନିରୂପଣ କର । ପ୍ରଶ୍ନବାଚକ ସର୍ବନାମ କହିଲେ କଣ ବୁଝ ? ଦୁଇଟି ଉଦାହରଣ ଦେଇ ବୁଝାଇ ଦିଅ ।

୧୪) ଲିଙ୍ଗ କାହାକୁ କୁହାଯାଏ ? ଏହା କେତେ ପ୍ରକାରର ? ଦୁଇଟି ଲେଖାଏଁ ଉଦାହରଣ ସହ ବୁଝାଅ।

୧୫) ସ୍ତ୍ରୀଲିଙ୍ଗରେ ପରିବର୍ତ୍ତନ କର – ଶିଷ୍ୟ, ସଖା, ମୟୁର, ସୁନ୍ଦର, ପାଠୁଆ, ଠାକୁର ,ଲେଖକ,ମଉସା, ଗଉଡ,ବିଦେଶୀ,କପୋତ,ପତି,ପୁରୁଷ, କବି ,ଅଧ୍ୟାପକ, ମାମୁ, ବାପା, ଭାଇ , ବାଘ, ସିଂହ।

୧୬) ନିମ୍ନଲିଖିତ ସ୍ୱରବର୍ଣ୍ଣ ଗୁଡିକର ବ୍ୟବହାର କରି ଶବ୍ଦ ଗଠନ କର। ( ଯେ କୌଣସି ପାଞ୍ଚଟି)

| | |
|---|---|
| ଅ - | ଏ- |
| ଆ | ଐ- |
| ଇ- | ଓ- |
| ଈ- | ଔ- |

୧୭) କ ସ୍ତମ୍ଭରୁ ବ୍ୟଞ୍ଜନ ବର୍ଣ୍ଣ ନେଇ ଖ ସ୍ତମ୍ଭ ରେ ଯୋଗକରି ଅର୍ଥବୋଧକ ଶବ୍ଦ ଗଠନ କର। ( ଯେ କୌଣସି ପାଞ୍ଚଟି)

| କ | ଖ |
|---|---|
| ଗ | ମାଜ |
| କ | ଇଡ |
| ଚ | ରୁଡ |
| ଖ | ଖାରୁ |
| ପ | ପଲ |
| ସ | ରାପ |

୧୮) ସର୍ବନାମ କହିଲେ ତୁମେ କଣ ବୁଝ ? ସର୍ବନାମ କେତେ ପ୍ରକାରର ଓ କଣ କଣ ? ଉଦାହରଣ ଦେଇ ବୁଝାଇ ଲେଖ।

୧୯) ଓଡିଆ ଭାଷାରେ ପ୍ରାକୃତିକ ଲିଙ୍ଗକୁ ଅନୁସରଣ କରି ବିଶେଷ୍ୟ ପଦର କିପରି ଲିଙ୍ଗ ନିର୍ଣ୍ଣିତ ହୁଏ ? ଆଲୋଚନା କର।

୨୦) ଶୂନ୍ୟସ୍ଥାନ ପୂରଣ କର।

କ) ବ୍ୟଞ୍ଜନବର୍ଣ୍ଣ ସହିତ ବ୍ୟଞ୍ଜନ ବର୍ଣ୍ଣ ଯୋଗହେଲେ ତାହାକୁ ----------- କୁହାଯାଏ।

ଖ) ଧ୍ୱନି ଓ ଲିପିର ସମନ୍ୱିତ ରୂପକୁ --------- କୁହାଯାଏ।

ଗ) ଯେଉଁ ବର୍ଣ୍ଣ ଅନ୍ୟ ବର୍ଣ୍ଣର ସାହାଯ୍ୟ ନନେଇ ଉଚ୍ଚାରିତ ହୁଅନ୍ତି ସେମାନେ --------- ।

ଘ) ଓଡିଆ ଭାଷାରେ ବ୍ୟବହାର କରାଯାଉଥିବା ବର୍ଣ୍ଣ ମାନଙ୍କୁ -------- ଭାଗରେ ବିଭକ୍ତ କରାଯାଇଥାଏ।

ଙ) ଗୋଟିଏ ଶବ୍ଦରେ ଥିବା ବର୍ଣ୍ଣ ଗୁଡିକୁ ଅଲଗା କରି ଦେଖାଇବାର ନାମ ହେଉଛି -------।

ଚ) ଓଡିଆ ଭାଷାରେ ବ୍ୟବହାର ହେଉଥିବା ଅବିକଳ ସଂସ୍କୃତ ଶବ୍ଦ ଗୁଡିକୁ ------- ଶବ୍ଦ କୁହାଯାଏ।

ଛ) ଅନ୍ୟଭାଷାରୁ ଆସି ଆମ ଭାଷାରେ ବ୍ୟବହାର ହେଉଥରବା ଶବ୍ଦଗୁଡିକୁ ------- ଶବ୍ଦ କହନ୍ତି।

ଜ) ବସ୍ତୁର ନାମ ପ୍ରକାଶ କରୁଥିବା ବିଶେଷ୍ୟ ପଦକୁ ---------- ବିଶେଷ୍ୟ କୁହାଯାଏ।

ଝ) ଯେଉଁ ପଦ କୌଣସି କ୍ରିୟାର ନାମକୁ ବୁଝାଏ, ତାହାକୁ ---- ବିଶେଷ୍ୟ କହନ୍ତି।

୨୧) ରେଖାଙ୍କିତ ଶବ୍ଦ ଗୁଡିକ କେଉଁ ବିଶେଷ୍ୟର ଅନ୍ତର୍ଭୁକ୍ତ ଉଲ୍ଲେଖ କର –

କ) ବସିବାଠାରୁ କାଶିବା ଭଲ।

ଖ) ପେଟ୍ରୋଲ ଦର ପୁଣି ବଢିଗଲା।

ଗ) ମହାରାଷ୍ଟ୍ରରେ ଭଲ କମଳା ହୁଏ।

ଘ) ବଜାରରେ ପରିବା ଦର ଏବେ ଆକାଶ ଛୁଆଁ।

ଙ) ବହି ପଢିବା ଭଲ ଅଭ୍ୟାସ।

୨୨) ଓଡିଆର ହ୍ରସ୍ୱସ୍ୱର ଓ ଦୀର୍ଘସ୍ୱର କହିଲେ କଣ ବୁଝ ? ଉଦାହରଣ ସହ ବୁଝାଇ ଲେଖ।

୨୩) ବିଶେଷଣ କାହାକୁ କୁହାଯାଏ? ଅବସ୍ଥାବାଚକ ବିଶେଷଣ ଓ ପୂରଣ ବାଚକ ବିଶେଷଣ କଣ ଉଦାହରଣ ଦେଇ ବୁଝାଅ।

୨୪) ସପ୍ତମୀ ବିଭକ୍ତିର ଚିହ୍ନଗୁଡିକ ଉଲ୍ଲେଖ କରି ଦୁଇଟି ଉଦାହରଣ ଉଲ୍ଲେଖ କର।

୨୫) ଓଡିଆ ଭାଷାରେ ବ୍ୟବହାର ହେଉଥିବା ଉପସର୍ଗ ଗୁଡିକ ମଧ୍ୟରୁ ପାଞ୍ଚଟି ଉଦାହରଣ ଦିଅ।

୨୬) ସମାସ କାହାକୁ କୁହାଯାଏ? ସମାସ ମୁଖ୍ୟତଃ କେତେ ପ୍ରକାରର ଓ କଣ କଣ?

୨୭) କାଳ କେତେ ପ୍ରକାରର ? ବର୍ତ୍ତମାନ କାଳ କହିଲେ କଣ ବୁଝ ? ଉଦାହରଣ ସହ ବୁଝାଇଲେଖ।

୨୮) ଅବ୍ୟୟୀ ଭାବ ସମାସର ସଂଜ୍ଞା ଲେଖି ଉଦାହରଣ ଉଲ୍ଲେଖ କର।

## (ପାଠ୍ୟକ୍ରମ -୨)

୧) ଏକ ସଫଳ ବାକ୍ୟ କହିଲେ କଣ ବୁଝ ? ସଫଳ ବାକ୍ୟ ରଚନା ନିମିତ୍ତ କେଉଁ କେଉଁ ବୈଶିଷ୍ଟ୍ୟର ଆବଶ୍ୟକତା ରହିଛି ?

ଅଥବା

ବାକ୍ୟ କେତେ ପ୍ରକାର ? ଏଗୁଡ଼ିକର ନାମ ଓ ବୈଶିଷ୍ଟ୍ୟ ଦର୍ଶାଅ ।

୨) ଗଦ୍ୟ ଓ ପଦ୍ୟ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଇ ; ଛନ୍ଦର ସଂଜ୍ଞା ଓ ସ୍ୱରୂପ ଆଲୋଚନା କର ।

ଅଥବା

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ବହୁଳ ବ୍ୟବହୃତ ଚାରୋଟି ଛନ୍ଦ ସଂପର୍କରେ ଆଲୋଚନା କର ।

୩) ଚଉତିଶାର ଗଠନରୀତି ଉଦାହରଣ ମାଧ୍ୟମରେ ଆଲୋଚନା କର ।

ଅଥବା

ଚଉତିଶା କାହାକୁ କୁହାଯାଏ ? ଏହା କେତେ ଭାଗରେ ବିଭକ୍ତ ଆଲୋଚନା କର ।

୪) ଶବ୍ଦାଳଙ୍କାର କାହାକୁ କୁହାଯାଏ ? ଚାରୋଟି ଶବ୍ଦାଳଙ୍କାରର ଉଲ୍ଲେଖ କରି ଉଦାହରଣ ପ୍ରଦାନ କର ।

ଅଥବା

ଅଳଙ୍କାରର ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ ପୂର୍ବକ ଏହାର ବିଭାଗୀକରଣ ଉଦାହରଣ ସହ ଆଲୋଚନା କର ।

୫– ଉତ୍ତର ଲେଖ ।

(କ) ଉଦ୍ଦେଶ୍ୟ ଓ ବିଧେୟ କହିଲେ କଣ ବୁଝ ? ଉଦାହରଣ ସହ ଦର୍ଶାଅ ।

(ଖ) ବାକ୍ୟବିନ୍ୟାସ ଚିହ୍ନ ସଂପର୍କରେ ଯାହାଜାଣ ଲେଖ ।

(ଗ) ମିତ୍ରାକ୍ଷର ଛନ୍ଦ କାହାକୁ କୁହାଯାଏ । ଆଲୋଚନା କର ।

(ଘ) ଛନ୍ଦ କାହାକୁ କୁହାଯାଏ ।

୬. ବାକ୍ୟ କହିଲେ କ'ଣ ବୁଝ ? ଏକ ସଫଳ ବାକ୍ୟ ରଚନା ନିମିତ୍ତ କେଉଁ କେଉଁ ଉପାଦାନର ଆବଶ୍ୟକତା କର ।

ଅଥବା

ବାକ୍ୟର ପ୍ରକାର ଭେଦ ଦର୍ଶାଇ ଏହାର ବୈଶିଷ୍ଟ୍ୟ ଦର୍ଶାଅ ।

୭. ଛନ୍ଦ କାହାକୁ କୁହାଯାଏ ଓ ଏହା କେତେ ଭାଗରେ ବିଭକ୍ତ ? ଛନ୍ଦ ବିଭାଗୀକରଣର କାରଣ ବୈଶିଷ୍ଟ୍ୟ ଦର୍ଶାଅ।

ଅଥବା

ଛନ୍ଦ କିପରି ଗଠନ କରାଯାଏ ? ଏହାର ବୈଶିଷ୍ଟ୍ୟ ଗୁଡିକ ଦର୍ଶାଅ।

୮. ଚଉତିଶା କାହାକୁ କୁହାଯାଏ ? ଏହାର ଗଠନଶୈଳୀ ସଂପର୍କରେ ଯାହାଜାଣ ଲେଖ।

ଅଥବା

ଚଉତିଶା ପ୍ରକାର ଭେଦ ଦର୍ଶାଇ ସେଗୁଡିକର ବୈଶିଷ୍ଟ୍ୟ ଆଲୋଚନା କର।

୯. ଅଳଙ୍କାର କାହାକୁ କୁହାଯାଏ ? ଏହା କେତେ ଭାଗରେ ବିଭକ୍ତ ? ସେଗୁଡିକର ବୈଶିଷ୍ଟ୍ୟ ଦର୍ଶାଅ।

ଅଥବା

ଅର୍ଥାଳଙ୍କାର କାହାକୁ କୁହାଯାଏ ? କେଉଁ କେଉଁ ଅଳଙ୍କାରକୁ ଅର୍ଥାଳଙ୍କାର କୁହାଯାଏ ; ଆଲୋଚନା କର।

୧୦. ଉତ୍ତର ଲେଖ।

(କ) ବାକ୍ୟରେ ଆକାଙ୍କ୍ଷା ,ଯୋଗ୍ୟତା ଓ ଆସତ୍ତିର ଭୂମିକା ସଂପର୍କରେ ଆଲୋଚନା କର।

(ଖ) ସରଳ,ଯୌଗିକ ଓ ଜଟିଳ ବାକ୍ୟର ଗଠନ ରୀତି, ବୈଶିଷ୍ଟ୍ୟ ଦର୍ଶାଅ।

(ଗ) ଅମିତ୍ରାକ୍ଷର ଛନ୍ଦ କାହାକୁ କୁହାଯାଏ ଉଦାହରଣ ସହ ଦର୍ଶାଅ।

(ଘ) ଭକ୍ତି ମୂଳକ ଚଉତିଶା କାହାକୁ କୁହାଯାଏ ଉଦାହରଣ ସହ ବୁଝାଅ।

(ଙ) ଭଜନ ଓ ଜଣାଣ ମଧ୍ୟରେ ଥିବା ପାର୍ଥକ୍ୟ ଉଦାହରଣ ସହ ବୁଝାଅ।

(ଚ) ଚମ୍ପୁର ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ କର।

(ଛ) ଶବ୍ଦାଳଙ୍କାର କାହାକୁ କୁହାଯାଏ ଉଦାହରଣ ସହ ବୁଝାଅ।

(ଜ) ଶ୍ଲେଷ ଅଳଙ୍କାରର ଗଠନ ରୀତି ଓ ବିଭାଗୀକରଣ ଦର୍ଶାଅ।

୧୧. ସଂକ୍ଷିପ୍ତ ଟିପ୍ପଣୀ ଲେଖ।

(କ) ଜଟିଳ ବାକ୍ୟ

(ଖ) ଭାବୋଧକ ବାକ୍ୟ

(କ) ଉଦ୍ଦେଶ୍ୟ ଓ ବିଧେୟ

(ଖ) ଆକାଂକ୍ଷା,ଯୋଗ୍ୟତା,ଆସତ୍ତି

(ଗ) ବାକ୍ୟ ବିନ୍ୟାସ ଚିହ୍ନ

(ଘ) ଯତିପାତ

(ଙ) ପୂର୍ଣ୍ଣ ମିତ୍ରାକ୍ଷର ଛନ୍ଦ

(ଚ) ଗୁର୍ଜରୀ ଛନ୍ଦ

(ଛ) ଉପମା ଅଳଙ୍କାର

(ଜ) ଶ୍ଳେଷ ଅଳଙ୍କାର

(ଗ) ଯୌଗିକ ବାକ୍ୟ

(ଘ) ବିସ୍ମୟସୂଚକ ବାକ୍ୟ

(ଙ) ବଙ୍ଗଳାଶ୍ରୀ

(ଚ) ରସକୂଲ୍ୟା

(ଛ) ଚମ୍ପୂ

(ଜ) ଚଉତିଶା

## ପାଠ୍ୟକ୍ରମ -୩

## (ବ୍ଲକ୍ -୧)

୧. ନିମ୍ନଲିଖିତ ପ୍ରଶ୍ନରୁ ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ପ୍ରଦାନ କର। (୨୦×୨=୪୦)

(କ) ଧ୍ୱନିର ଉତ୍ପନ୍ନ କ୍ଷେତ୍ରରେ ବାକ୍‌ଯନ୍ତ୍ରର ବିଭିନ୍ନ ଅବୟବ କିପରି ଭୂମିକା ନିର୍ବାହ କରନ୍ତି ତାହା ଆଲୋଚନା କର ?

(ଖ) ସ୍ୱର ଚତୁର୍ଭୁଜ ମାଧମରେ ଓଡିଆ ସ୍ୱରଧ୍ୱନିଗୁଡିକୁ କିପରି ବର୍ଗୀକରଣ କରାଯାଇପାରିବ ସେ ସଂପର୍କରେ ଆଲୋଚନା କର ?

(ଗ) ଉଚ୍ଚାରଣ ସ୍ଥାନ ଓ ଉଚ୍ଚାରଣର ବିଧି ଦୃଷ୍ଟିରୁ ବ୍ୟଞ୍ଜନ ଧ୍ୱନିର କିପରି ବର୍ଗୀକରଣ କରାଯାଇପାରିବ, ତାହା ସଂପର୍କରେ ଯାହାଜାଣ ଲେଖ ?

(ଘ) ଓଡିଆ ବ୍ୟଞ୍ଜନଧ୍ୱନିଗୁଡିକର ବୈଶିଷ୍ଟ୍ୟ ପ୍ରତିପାଦନ କର।

୨. ନିମ୍ନଲିଖିତ ପ୍ରଶ୍ନରୁ ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ପ୍ରଦାନ କର। (୧୦×୩=୩୦)

(କ) ଉଚ୍ଚାରିତ -ଧ୍ୱନି ,ବର୍ଣ୍ଣ ଓ ଅକ୍ଷର ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ଦର୍ଶାଅ

(ଖ) ବାଚିକ ଧ୍ୱନିର ସଂଜ୍ଞା ନିରୁପଣ କର।

(ଗ) ସ୍ୱରପେଟିକା ଓ ସ୍ୱରତନ୍ତ୍ରୀର ଭୂମିକା ନିର୍ଦ୍ଧାରଣ କର।

(ଘ) ବାଚିକା ଧ୍ୱନିର ଉଚ୍ଚାରଣ ପ୍ରକ୍ରିୟା ସଂପର୍କରେ ଆଲୋଚନା କର।

୩. ନିମ୍ନଲିଖିତ ପ୍ରଶ୍ନରୁ ଯେକୌଣସି ପାଞ୍ଚଟି ପ୍ରଶ୍ନର ଉତ୍ତର ପ୍ରଦାନ କର। (୬×୫=୩୦)

(କ) ମୂର୍ଦ୍ଧନ୍ୟ ସ୍ୱର

(ଖ) ଶୁଦ୍ଧସ୍ୱର ଓ ସଂଯୁକ୍ତ ସ୍ୱର

(ଗ) ମାନ ସ୍ୱରଧ୍ୱନି

(ଘ) କଣ୍ଠ୍ୟ ବ୍ୟଞ୍ଜନଧ୍ୱନିତ

(ଙ) ତାଲବ୍ୟ ବ୍ୟଞ୍ଜନଧ୍ୱନି

(ଚ)ସଘୋଷ ବ୍ୟଞ୍ଜନ

(ଛ) ଅଳ୍ପପ୍ରାଣ ଓ ମହାପ୍ରାଣ ବ୍ୟଞ୍ଜନଧ୍ୱନି

(ଜ) ଚ,ଟ,ଡ,ପ,ବ, ବ୍ୟଞ୍ଜନଧ୍ୱନିର ବୈଶିଷ୍ଟ୍ୟ

## (ବ୍ଲକ -୨)

୧. ନିମ୍ନଲିଖିତ ପ୍ରଶ୍ନରୁ ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ପ୍ରଦାନ କର। (୨୦×୨=୪୦)

(କ) ଧ୍ୱନି ପରିବର୍ତ୍ତନ ବିଭିନ୍ନ ବାହ୍ୟ କାରଣ ସଂପର୍କରେ ଆଲୋଚନା କର।

(ଖ) ଧ୍ୱନି ପରିବର୍ତ୍ତନର ବିଭିନ୍ନ ଦିଗ ମଧ୍ୟରୁ ଲୋପ, ଆଗମ ଓ ବିପର୍ଯ୍ୟୟ ହେତୁ ଧ୍ୱନିରେ କିପରି ପରିବର୍ତ୍ତନ ଘଟିଥାଏ ତାହା ସଂପର୍କରେ ଲେଖ ?

(ଗ) ଶବ୍ଦ ପରିବର୍ତ୍ତନର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କର।

(ଘ) ଅର୍ଥ ବିସ୍ତାର ହେତୁ ଭାଷାରେ କିପରି ପରିବର୍ତ୍ତନ ଘଟେ ତାହାକୁ କେତେକ ଉଦାହରଣ ମାଧ୍ୟମରେ ପ୍ରତିପାଦନ କର।

୨.ନିମ୍ନଲିଖିତ ପ୍ରଶ୍ନରୁ ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ପ୍ରଦାନ କର। (୧୦×୩=୩୦)

(କ) ଅର୍ଥ ବିସ୍ତାର ଓ ଅର୍ଥ ସଂକୋଚନ ମଧ୍ୟରୁ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ଦର୍ଶାଅ

(ଖ) ସ୍ୱରସଂଗତି ସଂପର୍କ ଯାହା ଜାଣ ଲେଖ।

(ଗ) ଭାଷା ପରିବର୍ତ୍ତନରେ ମୂର୍ଦ୍ଧନୀକରଣର ଭୂମିକା ନିର୍ଦ୍ଧାରଣ କର।

(ଘ) ପ୍ରଣତ୍ୱ ଦୃଷ୍ଟିରୁ ଭାଷିକ ଧ୍ୱନିରେ ପରିବର୍ତ୍ତନରୁ ଭାଷାରେ କିପରି ପରିବର୍ତ୍ତନ ଘଟେ ତାହା ସଂପର୍କରେ ଆଲୋଚନା କର।

୩. ନିମ୍ନଲିଖିତ ପ୍ରଶ୍ନରୁ ଯେକୌଣସି ପାଞ୍ଚଟି ପ୍ରଶ୍ନର ଉତ୍ତର ପ୍ରଦାନ କର। (୬×୫=୩୦)

(କ) ଘୋଷୀଭବନ

(ଖ) ବାଗଯନ୍ତ୍ରରେ ବିଭିନ୍ନତା ହେତୁ ଧ୍ୱନି ପରିବର୍ତ୍ତନ

(ଗ) ଉଚ୍ଚାରଣରେ ସଂକ୍ଷିପ୍ତତାରୁ ଧ୍ୱନି ପରିବର୍ତ୍ତନ

(ଘ) ଧ୍ୱନି ଲୋପ

(ଙ) ତାଲବ୍ୟ କରଣରୁ ଧ୍ୱନି ପରିବର୍ତ୍ତନ

(ଚ) ଭାଷା ପରିବର୍ତ୍ତନରେ ସାମାଜିକ ପ୍ରଭାବ

(ଛ) ଭାଷା ପରିବର୍ତ୍ତନରେ ସାଂସ୍କୃତିକ ପ୍ରଭାବ

(ଜ) ଭ୍ରାମକ ବା ଲୌକିକ ବ୍ୟୁତ୍ପତ୍ତିରୁ ଭାଷାରେ ପରିବର୍ତ୍ତନ

## (ବ୍ଲକ୍-୩)

୧. ନିମ୍ନଲିଖିତ ପ୍ରଶ୍ନରୁ ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ପ୍ରଦାନ କର। (୨୦×୨=୪୦)

(କ) ଲିପିର ସଂଜ୍ଞା ନିର୍ଦ୍ଧାରଣ ପୂର୍ବକ ଲିପି ସୃଷ୍ଟିର ଇତିହାସ ସଂପର୍କରେ ଆଲୋଚନା କର।

(ଖ) ପୃଥିବୀରେ ଉପଲବ୍ଧ ବିଭିନ୍ନ ଲିପିକୁ କିପରି ବର୍ଗୀକରଣ କରାଯାଇପାରିବ ତାହା ସଂପର୍କରେ ଲେଖ ?

(ଗ) ଓଡିଆ ଲିପିର ସୃଷ୍ଟି ଓ ବିବର୍ତ୍ତନ ସଂପର୍କରେ ଯାହା ଜାଣ ଲେଖ।

(ଘ) ପୃଥିବୀର କେତୋଟି ମୁଖ୍ୟ ଲିପିର ପରିଚୟ ପ୍ରଦାନ କର।

୨. ନିମ୍ନଲିଖିତ ପ୍ରଶ୍ନରୁ ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ପ୍ରଦାନ କର। (୧୦×୩=୩୦)

(କ) ଆଲ୍ଫାବେଟିକ୍ ଲିପିର ବୈଶିଷ୍ଟ ପ୍ରଦାନ କର।

(ଖ) ବ୍ରାହ୍ମୀଲିପି ସଂପର୍କରେ ଯାହା ଜାଣ ଲେଖ।

(ଗ) ଫୋନେସିୟନ ଲିପିର ଭୂମିକା ନିର୍ଦ୍ଧାରଣ କର।

(ଘ) ଚିତ୍ରଲିପି ସଂପର୍କରେ ଆଲୋଚନା କର।

୩. ନିମ୍ନଲିଖିତ ପ୍ରଶ୍ନରୁ ଯେକୌଣସି ପାଞ୍ଚଟି ପ୍ରଶ୍ନର ଉତ୍ତର ପ୍ରଦାନ କର। (୬×୫=୩୦)

(କ) ଆଲ୍ଫା-ସିଲେବିକ୍ ଲିପି

(ଖ) କ୍ୟୁନିଫର୍ମ ଲିପି

(ଗ) ଚୀନା ଲିପି

(ଘ) ଖରୋଷ୍ଠୀ ଲିପି

(ଙ) ଫୋନେସିୟନ ଲିପି

(ଚ) ଦକ୍ଷିଣି ବ୍ରାହ୍ମୀ ଲିପି

(ଛ) ୟୁନାନୀ ଲିପି